Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:21+ 11 May 2026 (Monday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୨୧+ ୧୧ ମେ ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ତାମିଲନାଡୁରେ 'ବିଜୟ' ଯୁଗ...

ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଥାଲାପତି

ନୂଆଦିଲ୍ଲୀ,୧୦/୦୫; ଅପେକ୍ଷାର ଅନ୍ତ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଟିଭିକେ ମୁଖ୍ୟ ବିଜୟ । ଆଜିଠୁ ତାମିଲନାଡୁରେ ବିଜୟ ସରକାର ଆରମ୍ଭ ହୋଇଛି । ୧୯୬୭ ପରେ ପ୍ରଥମ ଅଣଦ୍ରାବିଡ଼ ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ । ରାଜ୍ୟରେ ବିଜୟ ଯୁଗ ଜାରି । ଟିଭିକେ ଚିଫ୍ ବିଜୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ । ଚେନ୍ନାଇର ଜବାହାରଲାଲ୍ ନେହରୁ ଷ୍ଟାଡିୟମରେ ଐତିହାସିକ ଶପଥ ଉତ୍ସବ ଅନୁଷ୍ଠିତ ହୋଇଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଉପସ୍ଥିତ ଅଛନ୍ତି । ଟିଭିକେ ମୁଖ୍ୟଙ୍କ ସହ ୯ ଜଣଙ୍କ ବିଜୟଙ୍କ କ୍ୟାବିନେଟରେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହରେ ସମର୍ଥକଙ୍କ ଉପସ୍ଥିତିରେ ଷ୍ଟାଡିୟମ ଉଚ୍ଛୁଳି ପଡିଛି । ବିଜୟଙ୍କ ବାପା, ମାଆ ଏବଂ ତାଙ୍କ ଲେଡି ଲକ୍ କୁହାଯାଉଥିବା ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ ମଧ୍ୟ ଉପସ୍ଥିତ ଅଛନ୍ତି । ବିଜୟ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ସହିତ ତାମିଲନାଡୁ ରାଜନୀତିର ନୂତନ ଯୁଗରେ ପ୍ରବେଶ କରିଛି । ବ୍ଲାକ୍ ପ୍ୟାଣ୍ଟ ଏବଂ ହ୍ୱାଇଟ୍ ସାର୍ଟରେ ଜବରଦସ୍ତ ଲୁକ୍‌ରେ ନଜର ଆସିଛନ୍ତି ସିଏମ୍ ଜୋସେଫ୍ ବିଜୟ । ବିଜୟ ମନ୍ତ୍ରିମଣ୍ଡଳରେ ୯ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି । ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଏନ୍. ଆନନ୍ଦ. ଅଦଭ ଅର୍ଜୁନ, କେ.ଜି ଅରୁନରାଜ, କେ.ଏ ସେଙ୍ଗୋଟାଇୟାନ୍, ପି. ଭେଙ୍କଟରମନନ୍ , ଆର. ନିର୍ମଳକୁମାର, ରାଜମୋହନ,ଟି.କେ ପ୍ରଭୁ, ସେଲଭି ଏସ୍. କୀର୍ତନା । ଏକମାତ୍ର ମହିଳା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସେଲ୍ ?ଭି ଏସ୍. କୀର୍ନ୍ତନ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ବିଜୟ କହିଛନ୍ତି 'ଏହା ଏକ ନୂତନ ଆରମ୍ଭ । ଧର୍ମନିରପେକ୍ଷ, ସାମାଜିକ ନ୍ୟାୟର ଏକ ନୂତନ ଯୁଗ ଏବେ ଆରମ୍ଭ ହେଉଛି ।' ଏହା ସହିତ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ପରେ ଟିଭିକେ ମୁଖ୍ୟ ସି ଜୋସେଫ ବିଜୟ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟରେ ସ୍ୱାକ୍ଷର କରିଛନ୍ତି, ଯେଉଁଥିରେ ଅନ୍ତର୍ଭୁକ୍ତ ୩ଟି ବଡ଼ ବିଷୟ ରହିଛି ।୧. ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ।୨. ନିଶା ନିବାରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ।୩. ମହିଳା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ।ତାମିଲନାଡୁର ବିଧାନସଭା ନିର୍ବାଚନ ଫଳ ମେ ୪ରେ ଆସିଥିଲା । ମୋଟ ୨୩୪ ଆସନ ମଧ୍ୟରୁ ସର୍ବାଧିକ ୧୦୮ଟି ଆସନ ଟିଭିକେ ଜିତିଥିଲା । ଡିଏମ୍‌କେକୁ ୫୯ ଏବଂ ଏଆଇଏଡିଏମ୍‌କେକୁ ୪୭ଟି ମିଳିଥିଲା । ତାମିଲନାଡୁରେ ସରକାର ଗଢ଼ିବାକୁ ନେଇ ରାଜ୍ୟ ରାଜନୀତି ନାଟକୀୟ ମୋଡ଼ରେ ପହଞ୍ଚିଥିଲା । ଟିଭିକେକୁ ଆଗରୁ କଂଗ୍ରେସ(୫), ସିପିଆଇ (୨) ଏବଂ ସିପିଆଇ(ଏମ୍) (୨) ଭଳି ଦଳର ସମର୍ଥନ ୮ ତାରିଖ ସୁଦ୍ଧା ମିଳିସାରିଥିଲା । ତଥାପି ବହୁମତ (୧୧୮) ଅଙ୍କ ଛୁଇଁପାରି ନଥିଲା ଦଳ । ଶନିବାର ଭିସିକେ ଏବଂ ଆଇୟୁଏମ୍ଏଲ୍ ନିଜ ସମର୍ଥନ ଜଣାଇଥିଲେ । ଉଭୟ ଦଳ ପାଖରେ ୨ଟି ଲେଖାଏଁ ଆସନ ଥିବାରୁ ମୋଟ ସଂଖ୍ୟା ୧୨୧ରେ ପହଚିଁ ଥିଲା । ଆଉ ବିଳମ୍ବ ନ କରି ବିଜୟ ରାଜ୍ୟପାଳଙ୍କୁ ଦେଖା କରିବାକୁ ସମୟ ମାଗିଥିଲେ । ସନ୍ଧ୍ୟା ସାଢ଼େ ୬ଟାରେ ଭେଟିବାକୁ ସମୟ ଦେଇଥିଲେ ରାଜ୍ୟପାଳ । ଏହା ପୂର୍ବରୁ ଦୁଇ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ମିଶି ସରକାର ଗଢ଼ିପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା । ଭିସିକେ ନେତା ମଧ୍ୟ ଡିଏମ୍‌କେ ମୁଖ୍ୟ ଏମ୍ କେ ଷ୍ଟାଲିନ୍‌ଙ୍କୁ ବାରମ୍ବାର ଭେଟିଥିଲେ । ଭିସିକେ ଉପରେ ସମସ୍ତଙ୍କ ନଜର ରହିଥିଲା । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜ ନିଷ୍ପତ୍ତି ଝୁଲାଇ ରଖିଥିଲା ଦଳ । ଦଳ ନିଃସର୍ତ୍ତ ସମର୍ଥନ ଜଣାଇବା ପରେ ସବୁ ଛକାପଞ୍ଝାର ସମାପ୍ତି ହୋଇଥିଲା ।ଦୀର୍ଘ ୬ ଦିନର କସରତ ପରେ ବିଜୟ ଶନିବାର ରାଜ୍ୟପାଳଙ୍କୁ ପୁନର୍ବାର ଭେଟି ୧୨୧ ବିଧାୟକଙ୍କ ସମର୍ଥନ ପତ୍ର ପ୍ରଦାନ କରିଥିଲେ । ଏଥିରେ ସନ୍ତୁଷ୍ଟ ହୋଇ ରାଜ୍ୟପାଳ ତୁରନ୍ତ ତାଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ । ତାଙ୍କୁ ସରକାର ଗଢ଼ିବା ପାଇଁ ଆମନ୍ତ୍ରଣ କରିଥିଲେ । ଆଜି ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି ବିଜୟ । ତେବେ ତାଙ୍କୁ ମେ ୧୩ କିମ୍ବା ତା' ପୂର୍ବରୁ ବହୁମତ ପ୍ରମାଣ କରିବା ଲାଗି କୁହାଯାଇଛି ।

ମିଆମିରେ ବୋଟ୍ ବିସ୍ଫୋରଣ : ୧୧ଜଣ ଆହତ

ମିଆମି,୧୦/୫: ଆମେରିକାର ଫ୍ଲୋରିଡାର ମିଆମି ବିଚ୍ ନିକଟରେ ଏକ ଦୁଃଖଦ ଏବଂ ଭୟଙ୍କର ଦୁର୍ଘଟଣା ଘଟିଛି । ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ହାଉଲୋଭର ସ୍ୟାଣ୍ଡବାରରେ ଏକ ବୋଟ୍ ବିସ୍ଫୋରଣ ଘଟିଛି । ବିସ୍ଫୋରଣ ଯୋଗୁଁ ସେଠାରେ ଥିବା ଲୋକଙ୍କ ମଧ୍ୟରେ ବ୍ୟାପକ ଆତଙ୍କ ଖେଳିଯାଇଛି । ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ପୁଲିସ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଭୟଙ୍କର ବିସ୍ଫୋରଣରେ ୧୧ ଜଣ ଗୁରୁତର ଆହତ ହୋଇଥିବା ସରକାରୀ ଭାବରେ ନିଶ୍ଚିତ କରାଯାଇଛି । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ବୋଟ୍ ଭିତରେ ହଠାତ୍ ଗ୍ୟାସ୍ ଲିକ୍ ହେବା ଯୋଗୁଁ ଏହି ବଡ଼ ବିସ୍ଫୋରଣ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ତେବେ ଦୁର୍ଘଟଣାର ସଠିକ୍ କାରଣ ଜାଣିବା ପାଇଁ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି । ଅଗ୍ନିଶମ ଏବଂ ଉଦ୍ଧାର ସେବା ଅଧିକାରୀମାନେ ଘଟଣା ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିବରଣୀ ସେୟାର କରିଛନ୍ତି । ସେମାନେ ସ୍ଥାନୀୟ ସମୟ ମଧ୍ୟାହ୍ନ ୧୨:୪୮ ରେ ହାଉଲୋଭର ସ୍ୟାଣ୍ଡବାର୍ ଅଂଚଳରେ ଏକ ସମ୍ଭାବ୍ୟ ବିସ୍ଫୋରଣର ପ୍ରାରମ୍ଭିକ ରିପୋର୍ଟ ପାଇଥିଲେ । ତୁରନ୍ତ, ଆହତମାନଙ୍କୁ ସହାୟତା କରିବା ପାଇଁ ସମସ୍ତ ଜରୁରୀକାଳୀନ ସେବା ପଠାଯାଇଥିଲା । ଏହି ଭୟଙ୍କର ଖବର ପାଇବା ପରେ, ଫ୍ଲୋରିଡା ମାଛ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ କୋର ଏକ ଦଳ ତୁରନ୍ତ ପହଚିଁ ଥିଲା । ଆମେରିକୀୟ ତଟରକ୍ଷୀ ବାହିନୀର କର୍ମଚାରୀମାନେ ମଧ୍ୟ ସହାୟତା ପାଇଁ ଘଟଣାସ୍ଥଳରେ ପହଚିଁ ଥିଲେ । ମିଳିତ ଭାବରେ, ଏହିଦଳଗୁଡ଼ିକ ଫସି ରହିଥିବା ସମସ୍ତଙ୍କୁ ସୁରକ୍ଷିତ ଭାବରେ ବାହାର କରିବାରେ ଏକ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ । ଅଧିକାରୀମାନେ ଏପର୍ଯ୍ୟନ୍ତ ଘଟଣାର କାରଣ ଆନୁଷ୍ଠାନିକ ଭାବରେ ପ୍ରକାଶ କରିନାହାନ୍ତି । ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଗ୍ୟାସ୍ ଲିକ୍ ଏହି ବିଶାଳ ବିସ୍ଫୋରଣର ମୁଖ୍ୟ କାରଣ ଥିଲା । ହାଉଲୋଭର ସ୍ୟାଣ୍ଡବାର୍ ପର୍ଯ୍ୟଟକଙ୍କ ପାଇଁ ଏକ ଲୋକପ୍ରିୟ ଏବଂ ସର୍ବଦା ଭିଡ଼ ସ୍ଥାନ । ଦୁର୍ଘଟଣା ସମୟରେ, ଅନ୍ୟ ଅନେକ ଡଙ୍ଗା ଏବଂ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ତଥା ପର୍ଯ୍ୟଟକ ଉପସ୍ଥିତ ଥିଲେ । ଏହି ଭୟଙ୍କର ବିସ୍ଫୋରଣ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି ।

ମୁଣ୍ଡିଆ ମାରି କୃତଜ୍ଞତା ଜଣାଇଲେ ମୋଦୀ

କଲକାତା,୧୦/୫: ଶୁଭେନ୍ଦୁ ଅଧିକାରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଏକ ଅପ୍ରତ୍ୟାଶିତ ଦୃଶ୍ୟ ଦେଖିବାକୁ ମିଳିଛି । ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଂଚରେ ଉପସ୍ଥିତ ଥିବାବେଳେ ତାଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କ ସମେତ ଶପଥ ନେଇଥିବା ଅନ୍ୟ ୫ଜଣ ମନ୍ତ୍ରୀ ଛିଡା ହୋଇଥିଲେ । ଏହି ସମୟରେ ମୋଦୀ ସେଠାରେ ଉପସ୍ଥିତ ଲୋକଙ୍କ ଉଦ୍ଦେଶ୍ୟରେ ହାତ ଯୋଡିବା ସହ ହଠାତ୍ ଆଣ୍ଠେଇ ପଡି ମୁଣ୍ଡିଆ ମାରିଥିଲେ । ପଶ୍ଚିମବଙ୍ଗରେ ବିଜେପିକୁ ପ୍ରଥମ ଥର କ୍ଷମତାକୁ ଆଣିଥିବାରୁ ମୋଦୀ ଏଭଳି ଶୈଳୀରେ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି ।

ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠା ଦିବସ ସମାରୋହରେ ସାମିଲ ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୦/୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବେଙ୍ଗାଲୁରୁ ରେ ଆର୍ଟ ଅଫ୍ ଲିଭିଂର ୪୫ତମ ପ୍ରତିଷ୍ଠା ଦିବସ ସମାରୋହରେ ସାମିଲ ହୋଇ 'ଧ୍ୟାନ ମନ୍ଦିର' ଉଦଘାଟନ କରିଛନ୍ତି । ଏହି ଅବସରରେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମଦିନ ଉତ୍ସବକୁ ଆର୍ଟ ଅଫ୍ ଲିଭିଂ ସଂଗଠନ ଦ୍ୱାରା ଆଡମ୍ବରରେ ସହିତ ପାଳନ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ କାର୍ଯ୍ୟକ୍ରମରେ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି କହିଛନ୍ତି, 'ଆଜି ଗୁରୁଦେବଙ୍କ ୭୦ତମ ଜନ୍ମଦିନ ପାଳନ ହେଉଛି । ଆଜି ଏହି ଦିବ୍ୟ ଏବଂ ଚମତ୍କାର 'ଧ୍ୟାନ ମନ୍ଦିର' ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରାଯାଇଛି । ଯେତେବେଳେ ସଂକଳ୍ପ ସ୍ପଷ୍ଟ ହୋଇଥାଏ ଏବଂ ସେବା ମନୋଭାବ ସହିତ କାର୍ଯ୍ୟ କରାଯାଏ ପ୍ରତ୍ୟେକ ପ୍ରୟାସ ସକାରାତ୍ମକ ଫଳାଫଳ ପ୍ରଦାନ କରେ । ଆମେ ସମସ୍ତେ ପଦ୍ମର ଛତ୍ରଛାୟା ତଳେ ଅଛୁ । ଆମ ଉପରେ ଗୁରୁଦେବଙ୍କ ଆଶୀର୍ବାଦ ଅଛି । ଆଜିର ସକାଳ ଏକ ନୂଆ ଅନୁଭୂତି ନେଇ ଆସିଛି । ଆମେ ସମସ୍ତେ ପଦ୍ମର ଛତ୍ରଛାୟା ତଳେ ଅଛୁ, ଆମ ଉପରେ ଗୁରୁଦେବଙ୍କ ଆଶୀର୍ବାଦ ଅଛି: ମୋଦୀ ପିଲାମାନଙ୍କର ବୈଦିକ ମନ୍ତ୍ର ଉଚ୍ଚାରଣ ଦ୍ୱାରା ସ୍ୱାଗତ, ଭଗବାନ ଗଣେଶଙ୍କ ଦର୍ଶନ, ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜନ୍ମଦିନ ପାଳନ ଏବଂ ଆର୍ଟ ଅଫ୍ ଲିଭିଂର ୭୦ତମ ବାର୍ଷିକୀ ଏମିତି ଏକ ମୁହୂର୍ତ୍ତ ଯାହାକି ସବୁଦିନ ପାଇଁ ମୋ ପାଇଁ ସ୍ମୃତି ହୋଇ ରହିବ: ମୋଦୀ ରାଜନୀତି ଅପେକ୍ଷା ସମାଜ ଶକ୍ତିଶାଳୀ:

'ହୋର୍ମୁଜ ମାମଲାରେ ଦଖଲ ଦେଲେ ଭୟଙ୍କର ଯୁଦ୍ଧ':

ଆମେରିକାକୁ ଇରାନର ଚେତାବନୀ

ନୂଆଦିଲ୍ଲୀ,୧୦/୫; ହୋର୍ମୁଜ ପ୍ରଣାଳୀକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ଫଳରେ ଶାନ୍ତି ଆଲୋଚନା ନେଇ ଏବେ ବି ଦ୍ୱନ୍ଦ୍ୱ ରହିଛି । ଏମିତି କି ଆମେରିକାକୁ ଏହି ପ୍ରସଙ୍ଗରେ ଚେତାବନୀ ଦେଇଛି ଇରାନ । ହୋର୍ମୁଜ ମାମଲାରେ ଦଖଲ ଦେଲେ ପୁଣି ଯୁଦ୍ଧ ଆରମ୍ଭ ହେବା ନେଇ କହିଛି । ଇରାନ କହିଛି, ହୋର୍ମୁଜ ପ୍ରଣାଳୀ ଆମ କ୍ଷେତ୍ରାଧିକାରରେ ରହିଛି । ଏଠାରେ ବାହ୍ୟ ଶକ୍ତିର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ । ଆମେରିକା ଯଦି ବାରମ୍ବାର ଏଥିରେ ହସ୍ତକ୍ଷେପ କରେ, ତେବେ କଡ଼ା ଜବାବ ଦିଆଯିବ । ଇରାନର ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ଇସମାଇଲ ବଘାଇ କହିଛନ୍ତି, ଆମେରିକା ଦେଇଥିବା ପ୍ରସ୍ତାବଗୁଡ଼ିକୁ ଆମେ ସମୀକ୍ଷା କରୁଛୁ । ଉଚିତ ସମୟ ଆସିଲେ ଏହାର ଜବାବ ଦିଆଯିବ । ଆମେରିକା ଯେଉଁ ସମୟସୀମା ଦେଇଛି, ଆମେ ତାହାକୁ ସ୍ୱୀକାର କରୁନାହୁଁ । ଇରାନ ନିଜ କାମ ନିଜ ତରିକାରେ କରିବ । ଅନ୍ୟପକ୍ଷରେ ବଘାଇଙ୍କ ଏହି ବୟାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଧକ୍କା ସଦୃଶ ହୋଇଛି । ଏହା ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ୍ କହିଥିଲେ, ଇରାନ ପଟୁ ସକାରାତ୍ମକ ଜବାବ ଆଶା କରୁଛୁ । ଆମେରିକାର ପ୍ରସ୍ତାବ ଉପରେ ଇରାନ ଶନିବାର ସୁଦ୍ଧା ଜବାବ ଦେବା ନେଇ ଟ୍ରମ୍ପ୍ ଆଶା ରଖିଥିଲେ । କିନ୍ତୁ ଏବେ ତାହା ହେବାର ନାହିଁ । ଅଲ୍ ଜଜିରା ରିପୋର୍ଟ ଅନୁସାରେ, ଚିଠା ପ୍ରସ୍ତାବ ବେଶ୍ ଜଟିଳ ଥିବାରୁ ଇରାନର ଜବାବ ବିଳମ୍ବିତ ହେଉଛି । ଏଥିରେ ବିଭିନ୍ନ ବୈଷୟିକ ପ୍ରସଙ୍ଗ ବି ରହିଛି । ତେଣୁ ଏହାର ସମୀକ୍ଷାରେ ଆହୁରି ଅଧିକ ସମୟ ଲାଗିବ । ପ୍ରସ୍ତାବର ସମୀକ୍ଷା ପ୍ରକ୍ରିୟାରେ ଇରାନୀ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବଫଙ୍କ ନେତୃତ୍ୱାଧୀନ ଟିମ୍, ଆଇଆରଜିସି ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରିଷଦ କାର୍ଯ୍ୟ କରୁଛନ୍ତି । ସେମାନେ ଆଉ କିଛି ଦିନ ଭିତରେ ନିଜ ରିପୋର୍ଟ ପ୍ରଦାନ କରିବେ ।

ବାଲିଅନ୍ତା ଥାନାରେ କ୍ରାଇମବ୍ରାଂଚ ଟିମ୍

ଭୁବନେଶ୍ୱର,୧୦/୫(ନି/ପ୍ର): ଭୁବନେଶ୍ୱର ବାଲିଅନ୍ତା ଅଂଚଳରେ ଉତ୍ୟକ୍ତ ଲୋକେ କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ମାରିଦେବା ଘଟଣାର ତଦନ୍ତ କରିବ କ୍ରାଇମବ୍ରାଂଚ । ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମ୍‌ବ୍ରାଂଚ ଟିମ୍ ବାଲିଅନ୍ତା ଥାନାରେ ପହଚିଁଛି । ଥାନାରୁ କେସ୍ ସମ୍ପର୍କିତ କାଗଜପତ୍ର ନେବା ପରେ ଘଟଣାସ୍ଥଳରୁ ହିଁ ତଦନ୍ତ କରିବ କ୍ରାଇମବ୍ରାଂଚ ଦଳ । ତଥ୍ୟ ଓ ସତ୍ୟ ଆଧାରରେ ତଦନ୍ତ ହେବ କହିଲେ ଏସ୍‌ପି ଅନିରୁଦ୍ଧ ରାଉତରାୟ । ସେପଟେ ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଂଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ରାଇମବ୍ରାଂଚକୁ ନିର୍ଦ୍ଦେଶ ଦେଇଛନ୍ତି । ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ଘଟଣାର ସମୀକ୍ଷା କରିଥିଲେ । ଭବିଷ୍ୟତରେ ଏଭଳି ଘଟଣାର ଯେଭଳି ପୁନରାବୃତି ନ ହୁଏ, ସେଥିପାଇଁ ସତର୍କ ଓ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ବୈଠକରେ ତାଗିଦ୍ କରିଥିଲେ । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ କ୍ରାଇମ୍‌ବ୍ରାଂଚର ଏକ ସ୍ୱତନ୍ତ୍ର ଦଳ ଗଠନ ହୋଇଛି । ଜଣେ ଡିଏସ୍‌ପି ପାହ୍ୟା ଅଧିକାରୀଙ୍କୁ ତଦନ୍ତ ଭାର ଦିଆଯାଇଛି । ଡିଏସ୍‌ପିଙ୍କ ନେତୃତ୍ୱରେ ଜଣେ ଇନ୍ସପେକ୍ଟର, ଜଣେ ଏସ୍‌ଆଇଙ୍କ ସହ ୨ ଜଣ କନଷ୍ଟେବଳ ତଦନ୍ତ ଦାୟିତ୍ୱରେ ରହିଛନ୍ତି ।

ଯେକୌଣସି ମୁହୂର୍ତ୍ତରେ ଶେଷ ହୋଇପାରେ ଆମେରିକା-ଇରାନ ଯୁଦ୍ଧ !



ୱାସିଂଟନ,୧୦/୫: ବିଜୟ ଦିବସ ଅବସରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସମଗ୍ର ବିଶ୍ୱକୁ ଶାନ୍ତିର ଏକ ବଡ଼ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି ଯେ, ୟୁକ୍ରେନ ସହିତ ଦୀର୍ଘ ସମୟ ଧରି ଚାଲିଥିବା ଯୁଦ୍ଧ ଏବେ ଶେଷ ପର୍ଯ୍ୟାୟରେ ପହଚିଁଛି । ସେ ସ୍ପଷ୍ଟ ସଙ୍କେତ ଦେଇଛନ୍ତି, ଦୁଇ ଦେଶ ମଧ୍ୟରେ ଆମେରିକା ସମର୍ଥନରେ ତିନି ଦିନିଆ ଅସ୍ତ୍ରବିରତି ଲାଗୁ ହୋଇଛି । ଖୁବ୍ ଶୀଘ୍ର ଏକ ସ୍ଥାୟୀ ଶାନ୍ତି ଚୁକ୍ତି ହୋଇପାରେ । ରୁଷ ୯ ମେ' ରେ ମସ୍କୋର ରେଡ୍ ସ୍କୋୟାରରେ ବିଜୟ ଦିବସ ପାଳନ କରିଥିଲା ଏବଂ ଏହି ଦିନ ବିଶ୍ୱରେ ଶାନ୍ତି ପାଇଁ ଏକ ନୂତନ ଆଶା ସୃଷ୍ଟି ହୋଇଛି ।ଏହି ସଂଘର୍ଷରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୩ ଦିନିଆ ଅସ୍ତ୍ରବିରତି ଘୋଷଣା କରିଛନ୍ତି । ଏହି କାରଣରୁ, ୯ ରୁ ୧୧ ମେ' ପର୍ଯ୍ୟନ୍ତ ସମସ୍ତ ସାମରିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଟ୍ରମ୍ପଙ୍କ ଅନୁସାରେ ରୁଷ-ୟୁକ୍ରେନ ସାମୟିକ ଅସ୍ତ୍ରବିରତି ଏକ ମାରାତ୍ମକ ଏବଂ ବିନାଶକାରୀ ଯୁଦ୍ଧର ଶେଷହେବା ଦିଗରେ ଏକ ନୂତନ ଏବଂ ସକାରାତ୍ମକ ଆରମ୍ଭ ପ୍ରମାଣିତ ହେବ । ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା ଯୁଦ୍ଧର ଶେଷ ପାଇଁ ଏକ ପ୍ରୟାସ ଭାବେ ଦେଖାଯାଉଛି । ଏଭଳି କରି ଟ୍ରମ୍ପ ବଡ଼ ସଙ୍କେତ ଦେଇଛନ୍ତି ଯେ, ଖୁବ୍ ଶୀଘ୍ର ଇରାନ-ଆମେରିକା ଯୁଦ୍ଧର ଯବନିକା ପଡ଼ିବାକୁ ଯାଉଛି । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ଶେଷ ହୋଇପାରେ ବୋଲି ଟ୍ରମ୍ପଙ୍କ ଆଭିମୁଖ୍ୟରୁ ଜଣାପଡୁଛି ବୋଲି ବିଶେଷଜ୍ଞ ମତପୋଷଣ କରୁଛନ୍ତି । ରୁଷ ରାଷ୍ଟ୍ରପତି ପୁଟିନ କହିଛନ୍ତି, ସେ ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ସାକ୍ଷାତ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରର୍ବର୍ଟ ଫିକୋ ତାଙ୍କୁ ସୂଚନା ଦେଇଛନ୍ତି, ଜେଲେନ୍ସ୍କି ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପାଇଁ ତାଙ୍କର ପୂର୍ଣ୍ଣ ସମ୍ମତି ପ୍ରକାଶ କରିଛନ୍ତି । ଏହି ଦିଗରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ପ୍ରୟାସ ଏବେ ଜାରି ରହିଛି । ସମ୍ପୂର୍ଣ୍ଣ ନିରପେକ୍ଷତା ବଜାୟ ରଖିବା ପାଇଁ ଦୁଇ ନେତାଙ୍କ ମଧ୍ୟରେ ଏହି ଐତିହାସିକ ବୈଠକ ତୃତୀୟ ଦେଶରେ ଅନୁଷ୍ଠିତ ହୋଇପାରେ । ପୁଟିନ ଏକ ପ୍ରମୁଖ ସର୍ତ୍ତ ରଖିଛନ୍ତି ଯେ, ସ୍ଥାୟୀ ଶାନ୍ତି ଚୁକ୍ତିନାମା ଉପରେ ସମ୍ପୂର୍ଣ୍ଣ ସହମତି ହେବା ପରେ ହିଁ ଏହି ବୈଠକ ହେବ । ଏହି ଶାନ୍ତି ଆଲୋଚନାକୁ ଆଗକୁ ବଢ଼ାଇବାରେ ସମର୍ଥନ ପାଇଁ ପୁଟିନ ବିଶେଷ ଭାବରେ ଆମେରିକା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏହି ସଂଘର୍ଷ ମୁଖ୍ୟତଃ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଏକ ଆଭ୍ୟନ୍ତରୀଣ ମାମଲା । ଏହି ଶାନ୍ତି ଚୁକ୍ତିନାମା ଅନୁଯାୟୀ, ଉଭୟ ଦେଶ ପରସ୍ପରକୁ ୧,୦୦୦ ଯୁଦ୍ଧବନ୍ଦୀ ସୁରକ୍ଷିତ ଭାବରେ ହସ୍ତାନ୍ତର କରିବାକୁ ସମ୍ପୂର୍ଣ୍ଣ ରାଜି ହୋଇଛନ୍ତି । ଏହା ବ୍ୟତୀତ, ପୁଟିନ ସାର୍ବଜନୀନ ଭାବରେ ଆଶା ପ୍ରକାଶ କରିଛନ୍ତି ଯେ, ଇରାନ ସହିତ ଯୁଦ୍ଧ ଶୀଘ୍ର ଶେଷ ହେବ । ସେ ସ୍ପଷ୍ଟ ସୂଚନା ମଧ୍ୟ ଦେଇଛନ୍ତି ଯେ, ଏହି ଶାନ୍ତି ପ୍ରକ୍ରିୟା ବିଷୟରେ ଟ୍ରମ୍ପ ଏବଂ ପୁଟିନ୍ ୯୦ ମିନିଟ୍ ଧରି ମାରାଥନ୍ ଫୋନ୍ ଆଲୋଚନା କରିଥିଲେ । ଶାନ୍ତି ପ୍ରତିଷ୍ଠା ପାଇଁ ଡୋନାଲ୍ଡ ଟ୍ରମ୍ପ ପୁଟିନ ଏବଂ ଜେଲେନ୍ସ୍କି ଉଭୟଙ୍କୁ ପ୍ରଶଂସା କରିଛନ୍ତି ।

ବିଜେପି ବିଧାୟକ ଦଳ ବୈଠକର ନିଷ୍ପତି :

ହିମନ୍ତ ବିଶ୍ୱ ଶର୍ମା ହେବେ ଆସାମର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୦/୫: ହିମନ୍ତ ବିଶ୍ୱ ଶର୍ମା ଆସାମର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ । ବିଜେପି ବିଧାୟକ ଦଳର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଜେପି ନଡ୍ଡା ଏହି ପଦବି ପାଇଁ ହିମନ୍ତ ବିଶ୍ୱ ଶର୍ମାଙ୍କ ନାମ ଘୋଷଣା କରିଛନ୍ତି । ମଇ ୧୨ ତାରିଖ ଦିନ ପୂର୍ବାହ୍ନ ୧୧:୦୦ ଟାରେ ହିମନ୍ତ ବିଶ୍ୱ ଶର୍ମା ତୃତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ । ଏହାସହିତ, ବିଜେପି ନେତା ଶର୍ମା ଲଗାତାର ଦ୍ୱିତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ । ବିଧାୟକ ଦଳର ନେତା ଚୟନ କରିବା ପାଇଁ ବିଜେପି ଦଳର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନିଙ୍କୁ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରିଥିଲା । ଏହି ଉଦ୍ଦେଶ୍ୟରେ ଆସାମ ବିଜେପି ବିଧାୟକ ଦଳର ଏକ ବୈଠକ ଡକାଯାଇଥିଲା । ଏଥିରେ ନେତାଙ୍କୁ ଆନୁଷ୍ଠାନିକ ଭାବରେ ନିର୍ବାଚିତ କରାଯାଇଥିଲା । ହିମନ୍ତ ବିଶ୍ୱ ଶର୍ମା ମଇ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏପର୍ଯ୍ୟନ୍ତ ସେ କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ଦାୟିତ୍ୱ ନିର୍ବାହ କରୁଥିଲେ । ନୂତନ ସରକାର ଗଠନ ସହିତ ସେ ଏବେ ଲଗାତାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଟାଟା ପାୱାରର ଶ୍ରମିକ ଛଟେଇ ବିରୋଧରେ ପ୍ରତିବାଦ

କେନ୍ଦୁଝର,୧୦/୫(ନି/ପ୍ର): ଟାଟା ପାୱାର ଅଧୀନରେ କାର୍ଯ୍ୟ କରୁଥିବା ତଳ ଶ୍ରେଣୀର ଶ୍ରମିକ ମାନଙ୍କ ବିରୋଧରେ ଛଟେଇ କରିବାର ବୃହତ ଷଡ଼ଯନ୍ତ୍ର କରିଛି ଟାଟା ପାୱାର । ଯେତେବେଳେ ଟାଟା ପାୱାର ନେସ୍କୋକୁ ନେଲା ସେତେବେଳେ ୨୫% ଏଟି ଆଣ୍ଡ ସି କ୍ଷତି ହେଉଥିଲା । ଆଜି ଯେଉଁ ଶ୍ରମିକ ମାନଙ୍କୁ ସେ ଛଟେଇ କରିବାକୁ ଚାହୁଁଛି ସେଇ ଶ୍ରମିକ ମାନେ ବିଗତ ଦିନରେ ନିଜର ମୁଣ୍ଡ ଝାଳ ତୁଣ୍ଡରେ ମାରି ଏଟି ଆଣ୍ଡ ସି କ୍ଷତିକୁ ୭%କୁ କମାଇ ପାରିଛନ୍ତି । ଯୋଉଠି ଆମର ତଳ ଶ୍ରେଣୀର କର୍ମଚାରୀ ୧୦୦୦୦ ରୁ ୧୫୦୦୦ ଦରମା ପାଉଛନ୍ତି ସେମାନଙ୍କୁ ଛଟେଇ କରିବାକୁ ଯୋଜନା କରି ନିଜର ଧଳା ହାତୀ ଙ୍କୁ କୋଟି କୋଟି ଦେଇ ରଖିଛି ବୋଲି ଅଭିଯୋଗ କରିଛି ନେସ୍କୋ ପାୱାର ଏମ୍ପ୍ଲଇସ ୟୁନିଅନ । ଯେଉଁଠି ସରକାର କହୁଛନ୍ତି ଆମେ ଚାକିରୀ ଦେଉଛୁ ,ସେଇ ଜାଗାରେ ଟାଟା ପାୱାର ଛଟେଇ କରୁଛି । ତେଣୁ ଆଗକୁ ଆମେ ଟିପିଏନଓଡିଏଲ ଅଧୀନରେ ଥିବା ୮ଟି ସଂଘକୁ ନେଇ ହେଇଥିବା ଶ୍ରମିକ ୟୁନାଇଟେଡ଼ ଫୋରମ ଦ୍ୱାରା ଟାଟା ପାୱାରର ଶ୍ରମିକ ମାରଣା ନୀତି ବିରୋଧରେ ଆଜି ପ୍ରତିବାଦ କରାଯାଇଚି । ବେଆଇନ କର୍ମଚାରୀ ଛଟେଇ ଅଭିଯୋଗରେ ନେସ୍କୋ ପାୱାର ଏମ୍ପ୍ଲଇସ ୟୁନିଅନ କେନ୍ଦୁଝର ପକ୍ଷରୁ ଶତାଧିକ କର୍ମଚାରୀଙ୍କ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଦାବୀ ନମାନିଲେ ଧାରଣାକୁ ଓଲ୍‌ହେଇବକୁ ଚେତାବନୀ ଦେଇଛି ସଂଘ ।

ବିଜେଡି ସାଧାରଣ ସମ୍ପାଦକ ହେଲେ ପ୍ରତାପ ଚନ୍ଦ୍ର ରାଉତ

ଭୁବନେଶ୍ୱର,୧୦।୫ (ନି/ପ୍ର): ଭୁବନେଶ୍ୱର ଉତର ନିର୍ବାଚନ ମଣ୍ଡଳୀ ରଘୁନାଥପୁରୁ ଗ୍ରାମର ଗାନ୍ଧିବାଦୀ ତଥା ବିଜେଡିର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ରାଉତଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଉତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେଡି କର୍ମକର୍ତାଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଛି । ସନ୍ଧ୍ୟାରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବର୍ଗର ନେତା ପା ପଚାଂୟତର ମୁରବୀମାନେ ଶ୍ରୀ ରାଉତଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ରଘୁନାଥପୁର ଗ୍ରାମ ପଚାଂୟତର ସରପ, ବରିମୁଣ୍ଡ ପଚାଂୟତର ସମିତି ସଭ୍ୟ ହୋଇ ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି । ପା ପଚାଂୟତର ମୁରବୀ ଭାବେ ପରିଚିତ ଶ୍ରୀ ରାଉତ ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରି ଅନୁଷ୍ଠାନକୁ ବହୁ ଆଗକୁ ନେବା ସହ ଲୋକଙ୍କ ସୁଖଦୁଃଖରେ ଠିଆ ହୋଇ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ଦଳର ସଭାପତି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକ ଓ ଉତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଜଣାଇବା ସହିତ ଦଳିୟ ଚିନ୍ତାଧାରାରେ ବିଜେଡିକୁ ସୁସଙ୍ଗଠିତ କରିବା ପାଇଁ ସେ କାର୍ଯ୍ୟ ବୋଲି କହିଛନ୍ତି ।

ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳନ

ମାଲକାନଗିରି, ୧୦/୫: ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ଅଧକ୍ଷ ଡକ୍ଟର ଚିତରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି କ୍ଷ ଏହି ସଭାରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ପ୍ରଧାନ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କୁ ସାର୍ ଜିନ ହେନେରୀ ଡୁନାଟ ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ ।

ହାଇୱା ଧକାରେ ଓଲଟିଲା ଯାତ୍ରୀବାହୀ ବସ ; ୧୦ରୁ ଉର୍ଦ୍ଧ ଆହତ

ପାଟଣା,୧୦/୫(ନି/ପ୍ର): ହାଇୱା ଧକାରେ ଓଲଟିଲା ଯାତ୍ରୀବାହୀ ବସ । ଘଟଣାରେ ଦଶରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଛନ୍ତି । କେନ୍ଦୁଝର ଜିଲ୍ଲା ୨୦ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଢେଙ୍କିକୋଟ ନିକଟସ୍ଥ ସାନମସିଣାବିଲା ଛକ ନିକଟରେ ରାତି ପାଖାପାଖି ୧୧ ଟା ୪୫ ମିନିଟ୍ ସମୟରେ ସଡକ ଦୁର୍ଘଟଣା ହୋଇଛି । ବହଳଦା (ପାଣ୍ଡୁପାଣି) ରୁ ଭୁବନେଶ୍ୱର ଯାଉଥିବା ମା ପଦ୍ମାବତୀ ନାମକ ଯାତ୍ରୀବାହି ବସକୁ ଏକ ଲୁହାପଥର ବୋଝେଇ ହାଇୱା ପଛପଟୁ ଧକ୍କା ଦେବାରୁ ବସଟି ତିନି ପାଲଟା ପଲଟି ରାସ୍ତା ଉପରେ ଓଲଟି ପଡ଼ିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସଟି ବାମପାର୍ଶ୍ୱରୁ ଡ଼ିଭାଇଡର ଡେଇଁ ରାସ୍ତାର ଡାହାଣ ପାର୍ଶ୍ୱରେ ଆସି ପଡିଥିଲା । ଫଳରେ ବସରେ ଥିବା ଦଶରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଛନ୍ତି । ୩ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ରହିଛି । ଘଟଣା ସ୍ଥଳରେ ଟୋଲ୍ ଗେଟ୍ ଆମ୍ବୁଲାନ୍ସ, ଘଟଗାଁ ପୁଲିସ ଓ ଦମକଳ ବାହିନୀଙ୍କ ମିଳିତ ସହଯୋଗରେ ଆହତ ଯାତ୍ରୀ ମାନଙ୍କୁ ଘଟଗାଁ ଡାକ୍ତରଖାନାରେ ଭର୍ତି କରାଯାଇଛି । ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି ।

ବାଲିପାଟଣାରେ ବ୍ରାଉନସୁଗାର କାରବାରକୁ ନେଇ ଯୁବକଙ୍କୁ ହତ୍ୟା ଘଟଣା, ଟାୟାର ଜାଳି ଲୋକଙ୍କ ପ୍ରତିବାଦ

ଭୁବନେଶ୍ୱର,୧୦/୫(ନି/ପ୍ର): ଖୋର୍ଦ୍ଧାଜିଲ୍ଲା ବାଲିପାଟଣାରେ ବ୍ରାଉନସୁଗାର କାରବାରକୁ କେନ୍ଦ୍ର କରି ଯୁବକଙ୍କୁ ପିଟି ପିଟି ହତ୍ୟା ଘଟଣାକୁ ନେଇ ଅଠାନ୍ତରରେ ଉତ୍ତେଜନା ଦେଖାଦେଇଛି । ଏହି ଘଟଣାକୁ ନେଇ ରାସ୍ତାରେ ଟାୟାର ଜାଳି ଲୋକ ପ୍ରତିବାଦ କରିଛନ୍ତି । ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଚଂଳରେ ଗତକାଲି ବିଚ ରାସ୍ତାରେ ଦୃର୍ବୃତମାନେ ପିଟି ପିଟି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି । ମୃତ ଯୁବକ ହେଲେ ଅଠାନ୍ତର ଗାଁର କୈଳାଶ ଚନ୍ଦ୍ର ଦାସଙ୍କ ପୁଅ ରାକେଶ ଦାସ ଓରଫ ମଟ୍ଟୁ । ବ୍ରାଉନ ସୁଗାର କାରବାରକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି । ଅଠାନ୍ତର ବଜାରରେ ଥିବା ତାରିଣୀ ମନ୍ଦିର ନିଶା ହବ ପାଲଟିଥିଲା । ସେହିଠାରେ ମଟ୍ଟୁଙ୍କୁ ନିଶାଡିମାନେ ଲୋକ ଏକ ମଟନ ଦୋକାନରେ ନିଆଁ ଲଗାଇଥିବାବେଳେ ତାରିଣୀ ମଠ ବାଡ଼େଇ ଭାଙ୍ଗିଦେଇଛନ୍ତି । ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି । ଏହାକୁ କେନ୍ଦ୍ର କରି ଆଜି ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଉଠିଛନ୍ତି । ସ୍ଥାନୀୟ ମହିଳା ସଂଗଠନ ସଦସ୍ୟା ଏବଂ ବଜରଙ୍ଗ କର୍ମୀ ରାସ୍ତାକୁ ଓହ୍ଲାଇଛନ୍ତି । ସରଦେଇପୁର ନିମାପଡ଼ା ରାସ୍ତାର ଅଠାନ୍ତର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ଏକ ଘଟାଂରୁ ଅଧିକ ସମୟ ଧରି ରାସ୍ତାର ଉଭୟ ପଟରେ ବହୁ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିଛି । ବାଲିପାଟଣା ପୁଲିସ ଘଟଣାସ୍ଥଳରେ ପହଚିଂଛି । ଉତ୍ୟକ୍ତ ଲୋକେ ମଟନ ଦୋକାନ ରେ ନିଆଁ ଲଗାଇ ଦେଇଛନ୍ତି । ବ୍ରାଉନ ସୁଗାର ବାବଦରେ ମୃତକ ମଟ୍ଟୁ ଉପରେ ବେଙ୍ଗବତୀ ଗାଁର ପିଣ୍ଟୁ ସାହାଙ୍କ ୨୦ହଜାର ଟଙ୍କା ବାକି ଥିଲା । ଯାହାକୁ ନେଇ ବିବାଦ ହୋଇଥିବା କୁହାଯାଉଛି ।

ହାତୀଙ୍କୁ ଠେଙ୍ଗାରେ ପିଟିବା ସହ ଲାଞ୍ଜ ଟାଣି ୨ ଯୁବକ ଗିରଫ

ପାଟଣା,୧୦/୫(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବନାଚଂଳରେ ବଣୁଆ ହାତୀଙ୍କୁ ଠେଙ୍ଗାରେ ପିଟିବା, ଲାଞ୍ଜ ଟାଣିବା, ଡ୍ରୋନ ସାହାଯ୍ୟରେ ବଣୁଆ ହାତୀ ପଲଙ୍କ ଭିଡିଓ ଉତୋଳନ କରି ସାମାଜିକ ଗଣ ମାଧ୍ୟମରେ ପ୍ରକାଶ କରିବା ଘଟଣାରେ ୨ଯୁବକ ଗିରଫ । ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୯ ଏବଂ ୫୨କୁ ଉଲଂଘନ କରିବା ଅପରାଧରେ ୨ ଜଣଙ୍କୁ ଗିରଫ କରିଛି ପାଟଣା ବନ ବିଭାଗ । ଗିରଫ ଯୁବକ ମାନେ ହେଲେ କଟାଂପଡା ଗ୍ରାମର ଲକ୍ଷ୍ମୀଧର ନାଏକଙ୍କ ପୁଅ ମଳୟ ରଞ୍ଜନ ନାଏକ ଏବଂ ଷଡ଼ଙ୍ଗବହାଲି ଗ୍ରାମର ରସାନନ୍ଦ ମହାନ୍ତଙ୍କ ପୁଅ ଚନ୍ଦ୍ରଶେଖର ମହାନ୍ତ । ଉଭୟଙ୍କ ପାଖରୁ ବନ ବିଭାଗ ଜଙ୍ଗଲୀ ହାତୀଙ୍କ ଭିଡ଼ିଓ ଉତ୍ତୋଳନ କରିଥିବା ମୋବାଇଲ ଫୋନ ଜବତ କରିଛି ।

ଉତ୍କୃଷି ଭିତିକ ବାଲିଯାତ୍ରା, ଆଜିବି ବଂଚିଛି ପରମ୍ପରା

ଜୟପୁର,୧୦/୫(ନି/ପ୍ର): ଆଧୁନିକ ଯୁଗରେ ମଣିଷ ଭୁଲିନି ନିଜର କଳା, ସଂସ୍କୃତି ଓ ପରମ୍ପରା । କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୁମୁଲି ଗାଁରେ ପାଳନ ହୋଇଛି ଆଦିବାସୀଙ୍କ ବିଶ୍ୱାସ ବହନ କରୁଥିବା ବାଲିଯାତ୍ରା । କୁମୁଲି ଗାଁରେ ନିଆରା ଢଙ୍ଗରେ ଏହି ଯାତ୍ରା ପାଳନ କରିଛନ୍ତି ପିଲା ଠୁ ବୟସ୍କ , ୧୨ ବର୍ଷରେ ଥରେ ପାଳନ ହେଉଥିବା ଐତିହାସିକ ବାଲିଯାତ୍ରାକୁ ବେଶ୍ ଧୁମ୍ ଧାମରେ ପାଳନ କରାଯାଇଛି ।

ମାଲକାନଗିରି ଜିଲ୍ଲାରେ ଜୁଭେଂଟିକା କାର୍ଯ୍ୟକ୍ରମ

ମାଲକାନଗିରି ,୧୦/୫(ନି/ପ୍ର): ଓଡ଼ିଶା ପୋଲିସ ଓ ୟୁନିସେଫ୍ର ମିଳିତ ସହଯୋଗରେ ରାଜ୍ୟବ୍ୟାପୀ "ଜୁଭେଂଟିକା" କାର୍ଯ୍ୟକ୍ରମ ଆଜି ଅପରାହ୍ନ ୩ଟା ୪୫ ମିନିଟ୍ ସମୟରେ ସାରା ଓଡ଼ିଶାର ସମସ୍ତ ଥାନା ସହ ଏମଭି-୭୯ ଥାନା ପରିସରରେ ଏକାସାଥିରେ ଶୁଭାରମ୍ଭ ହୋଇଛି ।ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଉଦଘାଟନ ଓଡ଼ିଶା ପୋଲିସର ମହାନିର୍ଦ୍ଦେଶକ ଶ୍ରୀ ୱାଇ. ବି. ଖୁରାନିଆ କରିଥିବା ବେଳେ ଏମଭି-୭୯ ଥାନାରେ ଥାନାଧିକାରୀ ପୂର୍ଣ୍ଣିମା ଟେଟେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଉପ-ନିରୀକ୍ଷକ ଶ୍ରୀଚନ୍ଦନ ବେହେରା, ଉପ-ନିରୀକ୍ଷକ ଗିରିଶ ଚନ୍ଦ୍ର ସାରକାଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ ।

ବୌଦ୍ଧ ଜିଲ୍ଲାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ :

ଜନ ସଚେତନତା ଶୋଭାଯାତ୍ରା, ସାଧାରଣ ସଭା ଓ ରକ୍ତଦାନ ଶିବିର

ବୌଦ୍ଧ, ୧୦/୫(ନି/ପ୍ର): ବୌଦ୍ଧ ଜିଲ୍ଲା ରେଡକ୍ରସ ସୋସାଇଟି ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଏକ ଜନ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇଥିଲା । ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ । ଏଥିରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଯୁବ ରେଡକ୍ରସ ସଦସ୍ୟ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ସମାଜସେବୀ ସଂଗଠନର ସଦସ୍ୟମାନେ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଆରକ୍ଷୀ ବାହିନୀ ପ୍ରମୁଖ ଯୋଗଦେଇ ମାନବ ସେବା, ରକ୍ତଦାନ ଓ ଦୁର୍ଯୋଗ ସମୟରେ ସହଯୋଗର ସନ୍ଦେଶ ପ୍ରଚାର କରିଥିଲେ । ପରେ ବୌଦ୍ଧ ଟାଉନ ହଲ୍ ରେ ଜିଲ୍ଲା ରେଡକ୍ରସ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଠାରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ବିଡିଓ ବୌଦ୍ଧ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା କୁମାରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ସହିତ ସଭା ପରିଚାଳନା କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜ୍ୟୋତି ରଞ୍ଜନ ଭୋଇ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭାରେ ଅତିଥିମାନେ ରେଡକ୍ରସର ସଂସ୍ଥାପକ ସାର୍ ହେନ୍ରି ଡ୍ୟୁନାଟଂଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କର ସମାଜ ପ୍ରତି ମହାନ ଅବଦାନକୁ ସ୍ମରଣ କରିଥିଲେ । ମାନବତା, ନିଷ୍ପକ୍ଷତା, ସମାଜସେବା ଓ ସହଯୋଗ ଭଳି ରେଡକ୍ରସର ମୂଳ ଆଦର୍ଶ ଉପରେ ଆଲୋକପାତ କରିଥିଲେ ।ଏହି ଅବସରରେ ଟାଉନ ହଲ ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ସଭା ମଂଚରେ ଉପଜିଲ୍ଲାପାଳ, ତହସିଲଦାର ବୌଦ୍ଧ, ଅବକାରୀ ଅଧିକ୍ଷକ ପ୍ରମୁଖଙ୍କୁ ରେଡକ୍ରସକୁ ଅଧିକ ସହାୟତା ପାଣ୍ଠି ଯୋଗାଇଥିବାରୁ ସମ୍ମାନିତ କରାଯାଇଥିଲା । ରେଡ଼କ୍ରସ୍ ର ସ୍ୱେଚ୍ଛା ସେବୀ ଏବଂ ଲାଇଫ୍ ଟାଇମ ମେମ୍ବର ଓ ରକ୍ତଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତଦାନ ଶିବିରରେ ଅନ୍ୟମାନଙ୍କ ସହ ଡି.ଡବ୍ଲୁ.ଓ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ, ଏବଂ ତାଙ୍କ ପୁଅ ଓ ଝିଅ ମିଳିତ ଭାବରେ ରକ୍ତଦାନ କରିଥିଲେ । ସମାରୋହରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ, ରେଡକ୍ରସ କର୍ମକର୍ତା, ଯୁବ ରେଡକ୍ରସ ସଦସ୍ୟ, ଆରକ୍ଷୀ ବାହିନୀ, ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ ।

ଭୁବନ ଏନ୍‌ଏସିର ୧୫ତମ ସାଧାରଣ ବୈଠକ

ଭୁବନ, ୧୦/୫(ନି/ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦର ୧୫ ତମ ସାଧାରଣ (କାଉନସିଲ) ବୈଠକ ଏନ୍ ଏ ସି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସାଂସଦ ପ୍ରତିନିଧି ଭାବେ ଭବାନୀ ଶଙ୍କର ବେହେରା, ଉପାଧକ୍ଷା ମାନିନୀ ସାହୁଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦତ ସାହୁ ପୂର୍ବ ବିବରଣୀ ପାଠ କରିଥିଲେ । ଏହି ବୈଠକରେ ଚଳିତ ବର୍ଷ ୨୦୨୬-୨୭ ପାଇଁ ଆୟବ୍ୟୟ ଅଟକଳ (ବଜେଟ) ଅନୁମୋଦନ କରାଯାଇଥିଲା । ୧ ନମ୍ବର ଓ ୯ ନମ୍ବର ୱାର୍ଡର ବିଜେଡି କାଉନସିଲର ଗିରିଧାରୀ ସାହୁ ଓ ପପୁ କୁମାର ସାହୁ ସେମାନଙ୍କ ୱାର୍ଡ ସମସ୍ୟା ଉପସ୍ଥାପନ କରିବା ସମୟରେ ବିଧାୟକ ତାଙ୍କୁ କହିବାକୁ ସୁଯୋଗ ନଦେଇ ୱାର୍ଡ ସମସ୍ୟା ଲେଖିକରି ନିର୍ବାହୀ ଅଧିକାରୀଙ୍କୁ ଦେବାକୁ ପରାମର୍ଶ ଦେଇଥିଲେ । ନିର୍ବାହୀ ଅଧିକାରୀ ରହୁ ନଥିବାରୁ ଲୋକଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ । ତେଣୁ ଭୁବନ ଏନ୍ ଏ ସି ରେ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଁ ଉଭୟ କାଉନସିଲର ଦାବି କରିଥିଲେ । କାଉନସିଲ ବୈଠକ ପରେ ପ୍ରାୟ ୯ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବୁଦ୍ଧେଶ୍ୱର ମନ୍ଦିର ଓ ରଗଡ଼ି ଠାରେ ନିର୍ମିତ ବହୁମୁଖୀ ଭବନ, ସୁବିଧା କେନ୍ଦ୍ର, ମଳପଙ୍କ ଉପଚାର କେନ୍ଦ୍ର ଠାରେ ପ୍ରଶାସନିକ ବ୍ଲକ ଏବଂ କାଳୀ ବଜାର ଠାରେ ' ଆମ ପରମ୍ପରା, ଆମ ପରିଚୟ' ଦଶହରା ବଳଦ, କଂସା ପିତଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା । ଏହି ପ୍ରକଳ୍ପ ଗୁଡିକର ଉଦଘାଟନୀ ଫଳକରେ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ନାଁ ନଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି । ନିର୍ବାହୀ ଅଧିକାରୀଙ୍କ ଠାରୁ ସୂଚନା/ନିମନ୍ତ୍ରଣ ପାଇ ବୈଠକକୁ ଯାଇଥିବା କେତେକ ସାମ୍ବାଦିକଙ୍କୁ ବିଧାୟକ ଉପେକ୍ଷା କରି ' ତୁମେ ମାନେ ଏଠାରେ ରହିବା କିଛି ଆବଶ୍ୟକ ନାହିଁ, କେବଳ ଫଟୋ ଉଠାଇ ପଳାଇ ଯାଅ' ବୋଲି କହିବାରୁ ସାମ୍ବାଦିକ ମାନେ ସ୍ଥାନ ଛାଡି ପଳାଇ ଆସିଥିଲେ ।

ଧାମରା : ଚିର ନିଦ୍ରାରେ ଗ୍ରାମ୍ୟ ଉନ୍ନୟନ ବିଭାଗ

ହାତରୁ ଖର୍ଚ୍ଚ କରି ନିର୍ମାଣ କଲେ ଚନ୍ଦନୀପାଳ ଯାତାୟତ ରାସ୍ତା

ଭଦ୍ରକ, ୧୦/୫(ନି/ପ୍ର): ଏହି ଜିଲାର ଚାନ୍ଦବାଲି ବ୍ଲକ ଅର୍ନ୍ତଗତ ଧାମରା ଭାରତର ଦ୍ୱିତୀୟ ବୃହତମ ବନ୍ଦର ର ମାନ୍ୟତା ପାଇଥିବା ବେଳେ ଏହି ଅଂଚଳ ଦ୍ୱୀପତଳ ଅନ୍ଧାର ।ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ -୨ଙ୍କ ଅଧିନରେ ଚାନ୍ଦବାଲି ଗ୍ରାମ୍ୟ ଉନ୍ନୟନ ବିଭାଗଟି କାର୍ଯ୍ୟରତ । କିନ୍ତୁ ଆଜି ଭଳି ଦିନରେ ଧାମରା ଅଂଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସବୁଦିନ ପାଇଁ ଚିରନିଦ୍ରାରେ ଶୋଇଯାଇଛି ବୋଲି ଚନ୍ଦନୀପାଳ ବାଲିଚର ମତ୍ସ୍ୟଜିବୀ ସଂଘ ଅଭିଯୋଗ ଆଣିଛି । ଏହି ଅଭିଯୋଗ ଅନୁଯାଇ ଦୀର୍ଘ ବର୍ଷ ବର୍ଷ ଧରି ଚନ୍ଦନୀପାଳ ପ୍ରତିରକ୍ଷା ଘାଟି ଠାରୁ ମାତ୍ର ୧କି.ମି ଲମ୍ବ ବିଶିଷ୍ଟ ରାସ୍ତାକୁ ନିର୍ମାଣ କରିବାକୁ ଚନ୍ଦନୀପାଳ ବାସୀ ବହୁ ବାର ଅଭିଯୋଗ କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି । ଲିଖିତ ଅଭିଯୋଗ ସଂପୃକ୍ତ ଅଧିକାରୀ ପାଇବା ପରେ ମଧ୍ୟ କୌଣସି ଦୃଷ୍ଟି ଦେଉ ନାହାନ୍ତି ଫଳରେ ଏହି ରାସ୍ତା ଟି ସଂପୂର୍ଣ ଯାତାୟତ ଅନୁପଯୋଗୀ ହୋଇ ପଡିଛି । ଏହି ୧ କି.ମି ଢଳେଇ ରାସ୍ତା ସଂପୂର୍ଣ ଫାଟି ଯାଇଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱ ମଧ୍ୟ ଦିନକୁ ଦିନ ଖାଇ ଚାଲିଛି । ଏହି ରାସ୍ତା ମରାମତି କରିବାକୁ ବହୁବାର ନିବେଦନ କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ଦୃଷ୍ଟି ନ ଦେବାରୁ ଚନ୍ଦନୀପାଳ ବାଲିଚର ମତ୍ସ୍ୟଜିବୀ ସଂଘ ୩ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାର ଦୁଇ ପାର୍ଶ୍ୱକୁ ରକ୍ଷା କରିବାକୁ ଯାଇ ୪ଶହ ଟ୍ରିପ ମାଟି ଏବଂ ୩ଟ୍ରିପ ମୋରମ ଆଣି ଏହି ରାସ୍ତାକୁ ସୁରକ୍ଷା ଦେଇଛନ୍ତି । କେଉଁ ପରିସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ରାସ୍ତା କୁ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି ବୋଲି ସଂପୃକ୍ତ ଉପଖଣ୍ଡ ଅଧିକାରୀ ତଥା ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କିଛି କହି ପାରିବେ ନାହିଁ ଯାହା ପଚାରିବାର ଅଛି କନିଷ୍ଠଯନ୍ତ୍ରୀଙ୍କୁ ପଚାର ବୋଲି କହିଥିଲେ । ଜଣେ ବ୍ୟକ୍ତି ଯିଏକି ଚାହିଁଲେ ଗୋଟିଏ ଦିନରେ ଏହି ଯାତାୟତ ରାସ୍ତାକୁ ନିର୍ମାଣ କରି ପାରିବାର କ୍ଷମତା ଥିବା ସତ୍ୱେ ଏଭଳି ଅରୁଚିକର ମନ୍ତବ୍ୟ ଦେଲେ ତାହା ସଭ୍ୟ ସମାଜ ପ୍ରତି ଗ୍ରହଣୀୟ ନୁହେଁ ବୋଲି ବାଲିଚର ମତ୍ସ୍ୟଜିବୀ ସଂଘ ଅଭିଯୋଗ ଆଣିଛି । ଭଦ୍ରକ ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବାଲିଚର ମତ୍ସ୍ୟଜିବୀ ସଂଘର ଅଶୋକ ଗିରି, ଗୁଇମନ ଜାନା,ନନ୍ଦଲାଲ ମଣ୍ଡଳ, ସୁମନ୍ତ ପ୍ରଧାନ, ସୁଦର୍ଶନ ମାଇତି, ଦୀନବନ୍ଧୁ ବିଶ୍ୱାଳ , ଶଶାଙ୍କ ଶେଖର ଜାନା ପ୍ରମୁଖ ଦାବୀ କରିଛନ୍ତି ।

ଆମ ଗଣତନ୍ତ୍ରରେ ନାରୀ ଶକ୍ତିର ସଠିକ୍ ସହଭାଗିତା ଜରୁରୀ

ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ର ଷଷ୍ଠ ସନ୍ଧ୍ୟା

ଭଦ୍ରକ, ୧୦/୫(ନି/ପ୍ର): ଆମ ଦେଶ ଭାରତ, ବିଶ୍ୱର ସବର୍ବୃହତ ଗଣତାନ୍ତ୍ରିକ ଦେଶ ଏବଂ ଏହାର ଜନସଂଖ୍ୟା ସର୍ବାଧିକ । ଏହି ବୃହତ୍ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁପରିଚାଳନା ପାଇଁ ଦେଶର ଅର୍ଦ୍ଧେକ ଜନସଂଖ୍ୟା,ନାରୀ ସମାଜର ସଠିକ୍ ସହଭାଗିତା ଜରୁରୀ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମେହାତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୁଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ପଂଚମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମାତୃଶକ୍ତି ବନ୍ଦନ ମା' ଓ ମାଟି ମହୋତ୍ସବ କମିଟିର ସମ୍ପାଦକ ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେବା ନିବୃତ ଅଧକ୍ଷ ତଥା ଶିବ ଚରଣ ଖାମୁରାଇ ମୁଖ୍ୟ ବକ୍ତା, ପ୍ରସାର ଭାରତୀ ଗୀତିକାର ଓ ନାଟ୍ୟକାର ତଥା ସାରସ୍ୱତ ସାଧକ ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସର ପ୍ରାପ୍ତ କୃଷି ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାୟ, କବୟିତ୍ରୀ ବୀଣାପାଣି ତ୍ରିପାଠୀ, କବୟିତ୍ରୀ ଓ ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ,ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା, ଭୂମି କନ୍ୟା ମହିଳା ସଙ୍ଗଠନ ସଭାନେତ୍ରୀ ସଂଯୁକ୍ତା ବଳ ନାୟକ ସମ୍ମାନନୀୟ ଅତିଥି ଏବଂ ଅଧ୍ୟାପିକା ସଂଯୁକ୍ତା ଭାରତୀ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସେବିକା ମାଳତୀ ଚୌଧୁରୀଙ୍କ ସ୍ମୃତିରେ ଷଷ୍ଠ ସନ୍ଧ୍ୟା ମଂଚକୁ ଉତ୍ସର୍ଗ କରାଯାଇଥିଲା ଏବଂ 'ଆମ ଗଣତନ୍ତ୍ରେର ନାରୀର ଅଧିକାର' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମା' ଓ ମାଟି ମହୋତ୍ସବ କମିଟିର ସଭାପତି ଇଂ. ଅଭୟ ସୂତାର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାନେତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର, ସହସମ୍ପାଦିକା ଚୈତାଳି ଖିଲାର , ସରକାରୀ ଅଧିବକ୍ତା ଅଞ୍ଜୁବାଳା ରାଉତ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ । ରିଚିସ୍ମିତା ମହାନ୍ତି ପରିଚାଳିତ 'ଉତ୍ସବ କ୍ରିଏଟିଭ ଆର୍ଟ୍ସ', ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ବିବିଧା

ଟେଲିଭିଜନ ପ୍ରିମିୟର

ମେ' ୧୭ରେ ଜୀ ସାର୍ଥକରେ 'ମଟରସାଇକେଲ'

ଓଲିଉଡ୍‌ର ଚର୍ଚ୍ଚିତ ଫ୍ୟାମିଲି କମେଡି ଡ୍ରାମା 'ମଟରସାଇକେଲ' ଏବେ ଟିଭି ପରଦାରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ପ୍ରସ୍ତୁତ। ଆସନ୍ତା ମେ' ୧୭ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ 'ଜୀ ସାର୍ଥକ'ରେ ଏହି ସିନେମାର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ଅନୁଷ୍ଠିତ ହେବ। ଅଶିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଏକ ସାଧାରଣ ମଟରସାଇକେଲକୁ ନେଇ ପରିବାର ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱନ୍ଦ, ଅହଂକାର ଏବଂ ହାସ୍ୟରସର ଏକ ସୁନ୍ଦର ମିଶ୍ରଣ। କାହାଣୀର ମୂଳ ବିଷୟବସ୍ତୁ ହେଉଛି 'ପ୍ରେମ ବନାମ ଲୋଭ'। କେଳୁ (ଜ୍ୟୋତି ରଞ୍ଜନ ନାୟକ) ଏବଂ କାବେରୀ (ପ୍ରୀତି ବିଶ୍ୱାଳ)ଙ୍କ ବଢ଼ୁଥିବା ପ୍ରେମ ମଝିରେ ପାଚେରୀ ସାଜିଛି କେଳୁଙ୍କ ପିତାଙ୍କର ଏକ ମଟରସାଇକେଲ ଦାବି। ଏହି ଦାବି କିପରି ପାରିବାରିକ କଳହ ଓ ହଟଚମଟ ସୃଷ୍ଟି କରୁଛି, ତାହା ଅତ୍ୟନ୍ତ ରୋଚକ ଢଙ୍ଗରେ ପରିବେଷଣ କରାଯାଇଛି। ଏହି ସିନେମାରେ କୁନା ତ୍ରିପାଠୀଙ୍କ ଜବରଦସ୍ତ କମେଡି ଟାଇମିଂ ଏବଂ ଜ୍ୟୋତିଙ୍କ ଅଭିନୟ ବଡ଼ ପରଦାରେ ବେଶ୍ ପ୍ରଶଂସିତ ହୋଇଥିଲା। ସୋମେଶ ଶତପଥୀଙ୍କ ସଙ୍ଗୀତ ଏବଂ ଡକ୍ଟର ନିର୍ମଳ ନାୟକଙ୍କ ଗୀତ ସିନେମାକୁ ଅଧିକ ଜୀବନ୍ତ କରିଛି। ଏହି ଅବସରରେ 'ଜୀ ସାର୍ଥକ'ର ଚିଫ୍ ଚ୍ୟାନେଲ୍ ଅଫିସର୍ ରାହୁଲ ରାଓ କହିଛନ୍ତି, ଗୋଟିଏ ସାଧାରଣ ମୋଟର ସାଇକେଲ କିପରି ଏକ ନିଆରା ମନୋରଞ୍ଜନର ଖୋରାକ ଯୋଗାଇ ପାରେ, ତାହା ଏହି ସିନେମାରେ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ■

ମେ ୧୫ରେ 'ବିଦେହ'

ଆତ୍ମା ଶରୀର ଓ ମନ ଭିତରେ ଥିବା ସୀମା ଏବଂ ତା' ଭିତରେ ଥିବା ନିର୍ଣ୍ଣୟକୁ ନେଇ ଆସୁଛି ନୂଆ ଓଡ଼ିଆ ଫିଲ୍ମ 'ବିଦେହ'। ନିଛକ ଓଡ଼ିଆ ଏବଂ ଓଡ଼ିଶାର ମୌଳିକ କାହାଣୀ ସହ ଏହି ଫିଲ୍ମ ମେ ୧୫ ତାରିଖରେ ବଡ଼ ପରଦାକୁ ଆସୁଛି। ବିବାହ ପରେ ସ୍ୱାଧୀନତାର ସହ ବଞ୍ଚିବାର ଲୁହାକୁ ନେଇ ଏହି ଚଳଚ୍ଚିତ୍ରର କାହାଣୀ ଗଢ଼ିଉଠିଛି। ଶରୀର ବଢ଼ିଲେ ବି ମନର ଲୁହ କିଭଳି ମରେନା ଏବଂ ସେ ତା' ଭିତରେ ବଞ୍ଚି ରୁହେ। ଏହା ପ୍ରଦର୍ଶିତ ହୋଇଛି ଏହି ଚଳଚ୍ଚିତ୍ରରେ। ଏହି ସିନେମାରେ ଭୁବନେଶ୍ୱରରେ ରହୁଥିବା ଜାତି ସମ୍ଭ୍ରାନ୍ତ ପରିବାରର ଜଣେ ସ୍ତ୍ରୀ ଲୋକ ଓ ତାଙ୍କର ତିନିଜଣ ଝିଅଙ୍କ ଦାମ୍ପତ୍ୟ କାହାଣୀ ଦେଖାଯାଇଛି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ କାଜଲ ଶତପଥୀ, ଲୋପାମୁଦ୍ରା ମିଶ୍ର, ସୁକାନ୍ତ ରାଉ, ସୌରଭ ମହାନ୍ତି, କେଶି, ଏଞ୍ଜିନା ଓ କୌଶିକ ମହାପାତ୍ର ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରଟି 'ଟ୍ରିପ୍ସି ଟୋସ୍ କାଲୁଆଗୀ ପ୍ରଡକ୍ସନ' ବ୍ୟାନରରେ ପ୍ରସ୍ତୁତ ହୋଇଥିବା ବେଳେ ଏହାର ପ୍ରଯୋଜିକା ଅଛନ୍ତି ବିଜୟ ପ୍ରଜ୍ଞା ତ୍ରିପାଠୀ ଓ କାର୍ଯ୍ୟକାରୀ ପ୍ରଯୋଜିକା ବେଦନା ତ୍ରିପାଠୀ। କାହାଣୀ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ବିଜୟ ପ୍ରଜ୍ଞା ତ୍ରିପାଠୀ। ଦେବଦାସ ଛୋଟରାୟଙ୍କ ଗୀତର ଶବ୍ଦକୁ ସଙ୍ଗୀତବଦ୍ଧ କରିଥିବା ବେଳେ ଶତାବ୍ଦୀ ନାୟକ ଗୀତ ଗାଇଛନ୍ତି। 'ବିଦେହ'ର ନିଆରା କାହାଣୀ ଦର୍ଶକଙ୍କୁ ଭଲ ଲାଗିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି। ■

ଲେଖକରୁ ନିର୍ଦ୍ଦେଶକ

ଚଳଚ୍ଚିତ୍ର ସଂଳାପ, କାହାଣୀ ଓ ଚିତ୍ରନାଟ୍ୟ ରଚନା କ୍ଷେତ୍ରରେ ଏବେ ଓଲିଉଡ୍‌ର ଜଣେ ଚିହ୍ନା ଚେହେରା ମାନସ ପଡ଼ିହାରୀ। ଖୁବ୍ କମ୍ ଦିନରେ ଓଲିଉଡ୍‌ରେ ଲେଖକ ଭାବେ ସେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ବର୍ତ୍ତମାନ ଲେଖକରୁ ନିର୍ଦ୍ଦେଶକ ହେବାକୁ ଯାଉଛନ୍ତି ମାନସ। ପ୍ରଥମ ଥର ପାଇଁ ତାଙ୍କ ନିର୍ଦ୍ଦେଶିତ ସିନେମା 'ଛକି ଶୁନ' ଆସନ୍ତା ଜୁନରେ ମୁକ୍ତିଲାଭ କରିବାକୁ ଯାଉଛି। ସୁପରଷ୍ଟାର୍ ଅନୁଭବ ମହାନ୍ତି ଅଭିନୀତ ଏହି ଫିଲ୍ମରେ ନବୀନ ଭଣ୍ଡାରୀ, ଜାଗୃତି ଏ. ମହାନ୍ତି, ଶୁଭମ୍ ମହାନ୍ତି ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହା 'ଅମର ମ୍ୟୁଜିକ୍' ଓ 'ବ୍ଲୁ ଲାଇନ୍ ଫିଲ୍ମସ୍' ବ୍ୟାନରରେ ପ୍ରସ୍ତୁତ ହେଉଛି।

ନିର୍ଦ୍ଦେଶକ ବସନ୍ତ ସାହୁ 'ସେଲ୍‌ଫିସ୍ ଦିଲ୍' ଫିଲ୍ମରେ ପ୍ରଥମେ ମାନସ ପଡ଼ିହାରୀଙ୍କୁ ସଂଳାପ ଲେଖିବାର ସୁଯୋଗ ଦେଇଥିଲେ। ଏହା ମୁକ୍ତିଲାଭ କରିବା ପରେ ତାଙ୍କୁ ନିୟମିତ ଭାବେ ସିନେମା ମିଳିବାରେ ଲାଗିଲା। ଇତିମଧ୍ୟରେ ସେ ପ୍ରସ୍ୱାରାଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ଗୁପ୍‌ଚୁପ୍', ରାଜା ସିଙ୍ଗ ନିର୍ଦ୍ଦେଶିତ 'ପ୍ରସ୍ଥାନମ୍' ଓ 'ଆସିବ୍ ସରେଣ୍ଡର୍ ହେଲା', ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ରାତି ସରି ସରି ଯାଉଛି' ଓ 'ତ୍ରିକନ୍ୟା' ଆଦି କେତୋଟି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରି ଦର୍ଶକୀୟ ସମର୍ଥନ ହାସଲ କରିଛନ୍ତି। ଅନୁଭବ ମହାନ୍ତି ଓ ସୁପ୍ରିୟା ଅଭିନୀତ 'କୁହୁଡ଼ି'ର ଚିତ୍ରନାଟ୍ୟ ଓ ସଂଳାପ ରଚନା ମଧ୍ୟ କରିଛନ୍ତି ମାନସ। ଏହାସହ ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ବୁକ ବଷ୍ଟର ସିନେମା 'କର୍ମା'ର ମଧ୍ୟ କାହାଣୀ ସେ ଲେଖିଛନ୍ତି। ଖାଲି ସିନେମା ନୁହେଁ, ଶ୍ରୀ ପଡ଼ିହାରୀ ଟେଲି-ସିନେମା ଓ ୱେବ୍ ସିରିଜ୍ ପାଇଁ ମଧ୍ୟ ସ୍କ୍ରିପ୍ଟ ପ୍ରସ୍ତୁତ କରିଛନ୍ତି। କଥାକାର ଭାବରେ 'ଜୀବନର କେତେ ରଙ୍ଗ', 'ଲଭ୍ ଷ୍ଟୋରି', 'ଯାହା ପାଇଁ ପ୍ରତୀକ୍ଷା' ଓ 'ଅନନ୍ୟା ସୁନ୍ଦରୀ' ଓ 'ରଙ୍ଗ' ଆଦି ପୁସ୍ତକ ତାଙ୍କ ସାହିତ୍ୟ ଜୀବନର ସମ୍ବଳ।

ନିଜର ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ 'ଛକି ଶୁନ' ସଂପର୍କରେ ମାନସ କୁହନ୍ତି, "ମୁଁ ବହୁତ ଭାଗ୍ୟବାନ ଯେ ମୋର ପ୍ରଥମ ଫିଲ୍ମ ସୁପରଷ୍ଟାର୍ ଅନୁଭବ ମହାନ୍ତି ଓ 'ଅମର ମ୍ୟୁଜିକ' ପରି ନ୍ୟାସନାଲ ବ୍ରାଣ୍ଡ ସହ ହୋଇପାରିଛି। ଏଥିପାଇଁ ମୁଁ ଈଶ୍ୱରଙ୍କ ନିକଟରେ ଋଣୀ ରହିବି। ସମସ୍ତଙ୍କ ସହଯୋଗରୁ ଗୋଟେ ଭଲ ସିନେମା ନିର୍ମାଣ କରି ପାରିଛି, ଆଶା ଓ ବିଶ୍ୱାସ ଅଛି ଦର୍ଶକଙ୍କ ଭଲ ପାଇବା ନିଶ୍ଚୟ ମିଳିବ।" ■

ଦେବ୍‌ଙ୍କ ଦୁଲହନ୍ ସାଜିଲେ 'ଦିଶା'



'କଙ୍କ' ମ୍ୟୁଜିକ ଭିଡିଓର ସଫଳତା ପରେ ଏବେ ଦେବ୍‌ଙ୍କ ଦୁଲହନ୍ ସାଜିଛନ୍ତି ଦିଶା। ଚର୍ଚ୍ଚିତ ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ମ୍ୟୁଜିକ ଦ୍ୱାରା ରିଲିଜ୍ ହୋଇଛି 'ହବୁ ମୋର ଦୁଲହନ୍'। ଏହି ଗୀତରେ ପ୍ରଥମ କୁମାର ଓ ଅସ୍ମିତା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଦିବ୍ୟ ବନ୍ଧନ ଓ ଲେଖିଛନ୍ତି ସୌମ୍ୟ ରଞ୍ଜନ ଦାଶ। ସେହିପରି ଭିଡିଓଟିରେ ଦେବ୍ ମହାନ୍ତିଙ୍କ ସହ ଅଭିନୟ କରିଛନ୍ତି ଦିଶା। ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ଭି. ବାପଲ। ଏହି ମ୍ୟୁଜିକ ଭିଡିଓଟି ଓଡ଼ିଶା ମ୍ୟୁଜିକରେ ରିଲିଜ୍ ହୋଇଥିବା ବେଳେ ଏହାର ପ୍ରଯୋଜକ ଭାବରେ ଅଛନ୍ତି ରାଘବ ସ୍ୱାଇଁ। ଏବେ ବାହାଘରର ସିଜନ୍ ଚାଲିଥିବା ବେଳେ ସୋସିଆଲ୍ ମିଡିଆରେ ଏହି ଗୀତ ବେଶ୍ ଚାହିଦାରେ ରହିଛି। ଏହାର ଭିଡ଼ିଓକୁ ଦର୍ଶକମାନେ ବେଶ୍ ଭଲପାଉଛନ୍ତି। ■

ଗୀତ ଗାଇବା ସମୟରେ ଗଳାରୁ ଝରିଥିଲା ରକ୍ତ

ପରଦା ପଛର କାହାଣୀ

ମହାନ ଗାୟକ ମହମ୍ମଦ ରଫି ନିଜ କ୍ୟାରିୟରରେ ହଜାର ହଜାର ଗୀତ ଗାଇ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ଏପରିକି ଅନେକ ଗୀତ ଇତିହାସ ସୃଷ୍ଟି କରିଛି। ତେବେ ଏଭଳି ଏକ ଗୀତ ଥିଲା ଯାହାକୁ ଗାଇବା ପାଇଁ ସେ ୧୫ ଦିନ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଏପରିକି ଗୀତ ଷ୍ଟୁଡିଓରେ ରେକର୍ଡିଂ କରୁଥିବା ସମୟରେ ତାଙ୍କ ଗଳାରୁ ରକ୍ତ ବାହାରି ଥିଲା। ୧୯୫୨ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ବୈଜୁ ବାୱରା'ରେ 'ଓ ଦୁନିଆକେ ରଖୱାଲେ...' ନାମକ ଗୀତ ଗାଇଥିଲେ। ଏହି ଗୀତକୁ ରେକର୍ଡ କରିବା ପାଇଁ ସେ ଖୁବ୍ ପରିଶ୍ରମ କରିଥିଲେ। ବହୁ ଉଚ୍ଚ ସ୍ୱରରେ ତାଙ୍କୁ ଗାଇବାକୁ ପଡ଼ିଥିଲା। ଯେତେବେଳେ ଗୀତଟିକୁ ରେକର୍ଡିଂ କରିବାକୁ ଗଲେ ତାଙ୍କ ଗଳାରୁ ରକ୍ତ ବାହାରି ଥିଲା। ତାଙ୍କର ଏହି ଅବସ୍ଥା ଦେଖି ସେଠାରେ ଉପସ୍ଥିତ ଲୋକେ ଭାବିଲେ ସେ ଆଉ ଗୀତ ଗାଇ ପାରିବେନି। ହେଲେ ଏହି ଗୀତ ପରେ ମହମ୍ମଦ ରଫି ପୁଣି ଗୋଟି ଗୋଟିଏ ପରେ ଗୋଟିଏ ଗୀତ ଗାଇଥିଲେ। ଏହି ଫିଲ୍ମରେ ସେ ସମୁଦାୟ ୫ଟି ଗୀତ ଗାଇଥିଲେ। ସେଥିମଧ୍ୟରୁ ଦୁଇଟି ଗୀତ ଲତା ମଙ୍ଗେସ୍କରଙ୍କ ସହ ସେୟାର୍ କରିଥିଲେ। ତାଙ୍କ ଗୀତ 'ତୂ ଗଙ୍ଗା କୀ ମୌଜ୍ ମେଁ ଯମୁନା କା ଧାରା...', 'ଓ ଦୁନିଆକେ ରଖୱାଲେ...', ଏବଂ 'ମନ ତଡ଼ପତ ହରି ଦର୍ଶନ କୋ ଆଜ୍...' ସେ ସମୟରେ ସୁପର୍ ହିଟ୍ ହୋଇଥିଲା। ତେବେ ସେ ନିଜ କ୍ୟାରିୟରରେ 'ତେରି ମେହଫିଲ୍...', 'ଚୌଧଭୀ କା ଚାନ୍ଦ...', 'ଗୁଲାବୀ ଆଁଖେଁ...' ଭଳି ଅନେକ ସୁପରହିଟ୍ ଗୀତ ଗାଇଛନ୍ତି। ସେ ପାଞ୍ଚ ଥର ଫିଲ୍ମ ଫେୟାର୍ ଏବଂ ଥରେ ନ୍ୟାସନାଲ୍ ଆୱାର୍ଡ ପାଇଥିଲେ। ସେହିପରି ତାଙ୍କ ସୁମଧୁର ସ୍ୱର ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ■

"ଚରିତ୍ର ଭିତରେ ପଶିଲେ ଅଭିନୟ ଜୀବନ୍ତ ହୁଏ"

ସାକ୍ଷାତ୍‌କାର

ମାନ୍‌ସୀ ପାଲ୍, ଅଭିନେତ୍ରୀ

ସେ ଜଣେ ଆକାଂକ୍ଷୀ ଛାତ୍ରୀ। ଭବିଷ୍ୟତକୁ ନେଇ ନାନା ସ୍ୱପ୍ନ ଦେଖିଛନ୍ତି। ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗୀନ ଦୁନିଆକୁ। ଏକ ରିଆଲିଟି ଶୋ'ରେ ଅଡିସନ୍ ଦେବା ପରେ ସୌଭାଗ୍ୟବଶତଃ ତାଙ୍କୁ କଳା ଲାଇନ୍‌ରେ କାମ କରିବାକୁ ସୁଯୋଗ ମିଳିଲା। 'ତୋ ଅଗଣାର ତୁଳସୀ ମୁଁ' ତାଙ୍କର ପ୍ରଥମ ଧାରାବାହିକ। ସେ ପାଖାପାଖି ୪ରୁ ୫ଟି ଧାରାବାହିକରେ ଅଭିନୟ କରିଛନ୍ତି। ଦର୍ଶକଙ୍କ ମନ ଜିଣିଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱରର ମାନ୍‌ସୀ ପାଲ୍। ଏବେ ସେ 'ମୁଁ ତୁମେ ମୁଁ ତୁମ ବିନା' ଧାରାବାହିକରେ 'ଶୁଭ୍ରା' ଚରିତ୍ରରେ ଅଭିନୟ କରୁଛନ୍ତି। ମାନ୍‌ସୀଙ୍କ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କ ମୁହଁରୁ।

ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?

● ପିଲାଟିବେଳୁ ଇଚ୍ଛା ଥିଲା ଜଣେ ଆଇପିଏସ୍ ଅଫିସର ହେବି। ହେଲେ ଦଶମ ଶ୍ରେଣୀରେ ପଢ଼ିବା ବେଳେ ମୁଁ ଏକ ଅଡିସନ୍ ଦେଇଥିଲି। ପ୍ରଡ୍ୟୁସର ଲେଖା ସାର୍ ମୋତେ ଫୋନ୍ କରି ଡାକିଥିଲେ। ତେଣୁ ଦଶମ ପଢ଼ା ପରେ ମୁଁ ପ୍ରଥମେ 'ତୋ ଅଗଣା'ରେ କାମ ଆରମ୍ଭ କରିଥିଲି। ଏହାପରେ ମୁଁ 'ତୋରି ପାଇଁ ତୋ ପାଇଁ', 'ଜୀବନ ସାଥୀ', 'ଅନୁରାଧା' ଆଦି ଧାରାବାହିକରେ କାମ କରିଛି। ଏବେ 'ମୁଁ ତୁମେ ମୁଁ ତୁମ ବିନା'ରେ ଶୁଭ୍ରା ଚରିତ୍ରରେ ଅଭିନୟ କରୁଛି। ଅଭିନୟ ସହ ଏଲ୍ଏଲ୍‌ବି ପଢ଼ୁଛି।

ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?

● ପ୍ରଥମ ଥର ପାଇଁ କ୍ୟାମେରା ସାମ୍ନାରେ କାମ କରିବାକୁ ମୋତେ ଭୟ ଲାଗି ନଥିଲା। ବରଂ ଭଲ ଅଭିନୟ କେମିତି ଭଲ କରିବି ସେନେଇ ଚିନ୍ତା ବଢ଼ି ଯାଉଥିଲା।

'ମୁଁ ତୁମେ ମୁଁ ତୁମ ବିନା' ଧାରାବାହିକର ଶୁଭ୍ରା ଚରିତ୍ର ପାଇଁ ନିଜକୁ କେତେ ବଦଳାଇଛନ୍ତି ?

● 'ମୁଁ ତୁମେ ମୁଁ ତୁମ ବିନା' ଧାରାବାହିକଟି ସମ୍ପୂର୍ଣ୍ଣ ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। ତା' ଭିତରେ ଟ୍ୱିଷ୍ଟ ରହିବ। ପାରିବାରିକ କାହାଣୀ, ନେଗେଟିଭ୍ ଆଦି ବିଭିନ୍ନ ପରିସ୍ଥିତିର ଦୃଶ୍ୟ ଦେଖିବାକୁ ମିଳିବ। ଏହି ଧାରାବାହିକରେ ଶୁଭ୍ରା ଚରିତ୍ରଟି ବହୁତ ଚୁଲବୁଲି। ଡ୍ରେସ୍ ଡିଜାଇନ୍ ଉପରେ ଶୁଭ୍ରାର ଭଲ ଆଇଡିଆ ଅଛି। ହେଲେ ବାସ୍ତବରେ ମାନ୍‌ସୀ ଶାନ୍ତ ଓ ସରଳ। ତେଣୁ ଏହି ଚରିତ୍ର ନିଭାଇବାକୁ ମୋତେ ଟିକେ ଚୁଲବୁଲି ହେବାକୁ ପଡ଼ିଛି।

ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?

● ପ୍ରଥମେ ଭଗବାନଙ୍କ ପାଖେ ଭୋଗ ଚଢ଼ାଇବା ପରେ ମୋ ମା'ଙ୍କୁ ଶାଢ଼ି ଉପହାର ଦେଇଥିଲି।

କେଉଁ ଧାରାବାହିକ ଆପଣଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି?

● 'ତୋ ଅଗଣାର ତୁଳସୀ ମୁଁ' ଧାରାବାହିକର 'କେଟି' ଚରିତ୍ରରୁ ମୋତେ ସ୍ୱତନ୍ତ୍ର ପରିଚୟ ମିଳିଛି।

ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?

● ଅଭିନୟ ପାଇଁ ଯେବେ ପାଠ ଉପରେ ପ୍ରଭାବ ପଡ଼ୁ ତାହା ମୁଁ ଚାହେଁନି। କି ଆଗକୁ ମଧ୍ୟ ଚାହିଁବିନି। ତେଣୁ ସୁଟିଂ ନଥିଲେ ପଢ଼ାପଢ଼ି କରେ। ପରିବାର ଲୋକଙ୍କ ସହିତ ସମୟ ଅତିବାହିତ କରେ।

ଭଲ ଅଭିନୟକୁ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?

● ଯଦିଓ ମୁଁ ଅଭିନୟ ପାଇଁ ବିଧିବଦ୍ଧ ଭାବେ ତାଲିମ ନେଇନି, ହେଲେ ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ମୁଁ କାମ କରିବାକୁ ସୁରୁଚ୍ କରେ। ସେଟ୍‌ରେ ଅଭିନୟ କରିବା ପୂର୍ବରୁ ଘରେ ଦର୍ପଣ ସାମ୍ନାରେ ଅଭ୍ୟାସ କରିଥାଏ। ଅଭିନୟକୁ ମାର୍ଜିତ କରିବାକୁ ଟିକେ ନିଜକୁ ସ୍କ୍ରିପ୍ଟ ପଢ଼େ। ସ୍କ୍ରିପ୍ଟ କ'ଣ ମାଗୁଛି ତାକୁ ଦେଖୁଥାଏ। ସ୍କ୍ରିପ୍ଟକୁ ଯୋଡ଼ି ସେଇଁ ଚରିତ୍ର ମୋତେ ମିଳିଥାଏ ତା'କୁ କେମିତି ଜୀବନ୍ତ ରୂପ ଦେବି ତାହାକୁ ସୁରୁଚ୍ କରେ।

● ଖୋଲିବେ ଫିଟ୍ ରହିବାକୁ କ'ଣ କରନ୍ତି?

ଶରୀରକୁ ହାଇଡ୍ରେଟ୍ ରଖିବାକୁ ପାଣି ପିଏ। ଖାଇବାକୁ ଏତେ ଚାହାଁନି। ବାହାରକୁ ଯିବା ସମୟରେ ମୋ ପାଖେ ଓ.ଆର୍.ଏସ୍, ଅଶ୍ୱଗନ୍ଧା, ଡିଟକ୍ସ ୱାଟର ରଖିବାକୁ ଭୁଲେ ନାହିଁ।

ଆଗାମୀ ଯୋଜନା?

● ଭବିଷ୍ୟତରେ ଏକ ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଆଶା ରଖିଛି।

ଅଭିନୟକୁ କ୍ୟାରିୟର୍ ଭାବେ ଆଗ୍ରହୀ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ?

● ଏହି ଲାଇନକୁ ଆସୁଥିଲେ ଅଭିନୟ କରିବାର ମନୋବୃତ୍ତି ନେଇ ଆସନ୍ତୁ। ପରିଶ୍ରମ କରନ୍ତୁ। ନିଜକୁ ଭଲଭାବେ ବୁଝନ୍ତୁ ଜାଣନ୍ତୁ। ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ କଥା ଅନୁସାରେ ଅଭିନୟ କରିବା ଭଲ। ■

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୧୧ ମେ ୨୦୨୬

କୋଟିପତିଙ୍କ ସ୍ୱର୍ଗ

ବିଶ୍ୱରେ ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତ। ଏଥିମଧ୍ୟରେ ଲୋକସଂଖ୍ୟା ୧୪୪ କୋଟି ଅତିକ୍ରମ କଲାଣି। ଆମ ଅର୍ଥନୀତି ମଧ୍ୟ ୪ଟ୍ରିଲିୟନ୍ ଡଲାର ଅତିକ୍ରମ କରି ଚତୁର୍ଥ ବୃହତ୍ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ତେବେ ଦେଶର ଏକଶହ ବିତଶାଳୀ ବ୍ୟକ୍ତିଙ୍କ ହାତରେ ୧ ଟ୍ରିଲିୟନ୍ ଡଲାର ସମ୍ପତି ଠୁଳ ହୋଇ ରହିଛି। ତେଲିଆ ମୁଣ୍ଡରେ ତେଲ ଭଳି କିଛି ସୀମିତ ଲୋକଙ୍କ ଉପାର୍ଜନ ବଢୁଛି। ସେମାନେ ଜାତୀୟ ସମ୍ବଳକୁ ନିଜ କରାୟତରେ ରଖିବାକୁ ସମର୍ଥ ହୋଇଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ସେହି ବର୍ଗ ହିଁ ଉପଭୋଗ କରୁଛନ୍ତି। ଏତେ ବିପୁଳ ଜନସଂଖ୍ୟା ମଧ୍ୟରୁ ବାର୍ଷିକ କୋଟିଏ ଟଙ୍କା ଉପାର୍ଜନ କ୍ଷମତା ହାସଲ କରିଥିବା ଲୋକଙ୍କ ସଂଖ୍ୟା ୪.୬୮ ଲକ୍ଷରେ ସୀମିତ ଅଛି। ଏହି କୋଟିପତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ବିସିଜିର ପରିସଂଖ୍ୟାନ ଆକଳନ କରିଛି ଯେ ୨୦୨୯ ସୁଦ୍ଧା ଏହି କୋଟିପତିଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇବ। ଏହା ବିଶ୍ୱହାରଠାରୁ ୨୧ ପ୍ରତିଶତ ଅଧିକ। ଏକଥା ସତ ଯେ ଆମ ଅର୍ଥନୈତିକ ବ୍ୟବସ୍ଥା ଏଥିସକାଶେ ସୁବିଧା ସୁଯୋଗ ସୃଷ୍ଟି କରୁଛି। ତେବେ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏମାନଙ୍କ ଆନୁପାତିକ ହାର ଅତି ନଗଣ୍ୟ। ଅସ୍ୱଚ୍ଛଳ ବର୍ଗଙ୍କ ସ୍ଥିତିରେ ଉନ୍ନତି ପାଇଁ ଉପାର୍ଜନ କ୍ଷମତା ବୃଦ୍ଧି ପ୍ରତି ଯଥୋଚିତ ଧ୍ୟାନ ଦିଆଯାଇ ପାରୁନଥିବାର ପରିଲକ୍ଷିତ ହେଉଛି। ନହେଲେ ଦେଶର ୮୧ କୋଟି ଲୋକଙ୍କୁ ମାଗଣା ରାସନ୍ ଦେବାର ବାଧ୍ୟବାଧକତା ସୃଷ୍ଟି ହୋଇ ନ ଥା'ନ୍ତା। କର୍ପୋରେଟ ସଂସ୍କୃତିକୁ ସବୁସ୍ତରରୁ ମିଳୁଥିବା ସରକାରୀ ସହାୟତା ସେମାନଙ୍କୁ ଅଧିକରୁ ଅଧିକ ବିନ୍ତଶାଳୀ କରିଛି। ଦ୍ରୁତ ଅର୍ଥନୀତିର ସେମାନେ ହିଁ ହୋଇଛନ୍ତି ବାହକ। ଠିକା ନିଯୁକ୍ତି ମାଧ୍ୟମରେ ଶ୍ରମ ଆଇନର ଖୋଲା ଉଲ୍ଲଙ୍ଘନ କରି ନିର୍ବାଧାରେ ସେମାନେ ଶୋଷଣ ଜାରି ରଖିଛନ୍ତି। ସେମାନଙ୍କ ବିପୁଳ ଆୟ ସତ୍ତ୍ୱେ ଏହି ନିମ୍ନ ଆୟକାରୀ ଠିକା ଶ୍ରମିକ ଓ କର୍ମଚାରୀଙ୍କ ଉପାର୍ଜନ ସମୟର ଆବଶ୍ୟକତା ଅନୁରୂପ ହେଉନଥିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ସେମାନେ କାଳାତିପାତ କରୁଛନ୍ତି। ଦେଶର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପାର୍ଜନକ୍ଷମତା ସୃଷ୍ଟି କରିବାକୁ ଅସମର୍ଥ। ତେଣୁ ବର୍ଦ୍ଧିତ ବେକାରୀ ଦେଶରେ ଉପୁଜୁଥିବା ନାନା ସମସ୍ୟାର କାରଣ ପାଲଟିଛି। ଅଭାବରୁ ଅପରାଧ ପ୍ରବଣତା ବଢୁଛି, କ୍ରମେ ତାହା ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି। ପରିଲକ୍ଷିତ ଆର୍ଥିକ ଅସମାନତା ସାମାଜିକ ଜୀବନଧାରାରେ ଆକାଂକ୍ଷିତ ପରିବର୍ତ୍ତନର ବାଧକ ସାଜିଛି। ଆମ ଦେଶରେ ବୃଦ୍ଧି ପାଉଥିବା ଅରବପତି ଓ କୋଟିପତିଙ୍କୁ ନେଇ ସାମଗ୍ରିକ ବିକାଶର ସ୍ୱପ୍ନ ଦେଖିବାର କୌଣସି ଯଥାର୍ଥତା ନାହିଁ। ଆମେରିକା, ଚୀନ, ଜର୍ମାନୀ ପଛକୁ ଆମେ ବିଶ୍ୱର ଚତୁର୍ଥ ଅର୍ଥନୀତି ରୂପେ ଗର୍ବ କରୁଥିବା ବେଳେ ଆମ ଦେଶରେ ଜୀବନ ଧାରଣର ମାନ ଓ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବେ ବହୁତ ପଛରେ ପଡ଼ିଛି। ଉଚ୍ଚ ଆୟକାରୀ ବର୍ଗଙ୍କୁ ଦେଶର ଅର୍ଥନୈତିକ ପ୍ରଗତିର ସୂଚକ ରୂପେ ଗ୍ରହଣ କରାଯାଉଥିବା ବେଳେ ଜୀବନ ଯୁଦ୍ଧରେ ହାରିଯାଉଥିବା ଲୋକସଂଖ୍ୟାର ଦୁଇ-ତୃତୀୟାଂଶ ସରକାରୀ ରାଜସ୍ୱ ବା ଟ୍ରେଜେରୀଙ୍କ ଟିକସ ମାଧ୍ୟମରେ ସମୃଦ୍ଧ କରିଚାଲିଛନ୍ତି। ଅଥଚ ଯୋଜନାର ରୂପରେଖ ସେମାନଙ୍କ ଭବିଷ୍ୟତ ବା ସମୁଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉନି। ସରକାରଙ୍କ ବିଚାରଧାରାରେ ଏହି ବ୍ୟବଧାନ ସଙ୍କୁଚିତ ନ ହେଲେ ତଥାକଥିତ ବିକଶିତ ଭାରତ ଗଠନ ସ୍ୱପ୍ନ ଅଧୁରା ରହିଯିବ। ଏହା ସତ୍ୟ ଯେ ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ନିବେଶକାରୀର ପ୍ରାଧାନ୍ୟ ରହିବ। ଆର୍ଥିକସ୍ତରରେ ଅସମାନତାକୁ ଦୂର କରିବା ସମ୍ଭବ ନୁହେଁ। କିନ୍ତୁ ଜୀବନଧାରଣ ମାନରେ ଉନ୍ନତି ଓ ସହନୀୟ ମୁଣ୍ଡପିଛା ଆୟ ବୃଦ୍ଧି ନ ଘଟିଲେ ପ୍ରତିଯୋଗିତାପୂର୍ଣ୍ଣ ପରିବେଶ ସୃଷ୍ଟି ହେବ ନାହିଁ। ଫଳରେ ଏକଚାଟିଆ କାରବାର ଓ ଶୋଷଣକୁ ପ୍ରୋତ୍ସାହିତ କରିବ। ଏହା ସାମାଜିକ ଓ ଜାତୀୟ ଜୀବନରେ ଶୃଙ୍ଖଳା ଓ ସଂପ୍ରୀତି ପରିବେଶ ସୃଷ୍ଟିରେ ଗୁରୁତର ପ୍ରତିବନ୍ଧକ ହେବ। ଦେଶର ବିତଶାଳୀ ବ୍ୟକ୍ତିଙ୍କ ସଂପର୍କରେ ଉଲ୍ଲେଖ କଲାବେଳେ ମୁକେଶ ଆମ୍ବାନି ଓ ଗୌତମ ଆଦାନୀଙ୍କୁ ବାଦ ଦେଇ ପାରିବାନି। ଆମ୍ବାନି ୯୧.୮ ବିଲିୟନ ଡଲାର ସମ୍ପନ୍ତିର ମାଲିକ। ସେ ଏସିଆର ସବୁଠାରୁ ଧନଶାଳୀ ବ୍ୟକ୍ତି। ତାଙ୍କ ପଛକୁ ଅଛନ୍ତି ଗୌତମ ଆଦାନୀ। ସେ ୫୩.୫ ବିଲିୟନ ଡଲାର ସମ୍ପତିର ମାଲିକ। ଅର୍ଥ ବା ସମ୍ପତି ଆହରଣ ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚୟ ରହିବ। ଗତ ଆର୍ଥିକବର୍ଷରେ ଆମ୍ବାନିଙ୍କ ୧ଲକ୍ଷ କୋଟି ଟଙ୍କାର ଆୟ ହ୍ରାସ ପାଇଥିବା ବେଳେ ଆଦାନୀଙ୍କ ଆୟ ୧୩ ପ୍ରତିଶତ ବଢ଼ିଛି। ଆମ ଦେଶରେ ବାର୍ଷିକ ୧୦ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିବାର ପରିଲକ୍ଷିତ ହୋଇଛି। ସେମାନଙ୍କ ସଂଖ୍ୟା ୪୩ ହଜାରରେ ପହଚିଁଛି। ସେହିଭଳି ବାର୍ଷିକ ୧ କୋଟିରୁ ୫ କୋଟି ଉପାର୍ଜନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୩.୮୯ ଲକ୍ଷ ଓ ୫ କୋଟିରୁ ୧୦ କୋଟି ଟଙ୍କା ଆୟକାରୀଙ୍କ ସଂଖ୍ୟା ୩୭ ହଜାରରେ ପହଚିଁଛି। ଅବଶ୍ୟ ଏହି ତଥ୍ୟ ଆୟକର ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ଏହାଛଡ଼ା ଦେଶରେ ୨୮୪ ଅରବପତି ଅଛନ୍ତି, ଯେଉଁମାନଙ୍କର ଆୟ ସାଉଦୀ ଆରବର ଜିଡିପିଠାରୁ ଅଧିକ। ଦେଶର ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏହି ସୀମିତ ଲୋକଙ୍କ ଉପାର୍ଜନ କ୍ଷମତା ହିଁ ଆମ ଅର୍ଥନୀତିକୁ ନୂଆ ଶିଖରରେ ପହଚାଂଇଛି। ଅଭିବୃଦ୍ଧି ବା ଜିଡିପି ହାର ବୃଦ୍ଧି ସେମାନଙ୍କ କର୍ମକୁଶଳତା ଉପରେ ନିର୍ଭର କରେ। ଅବଶ୍ୟ ଗତ ତୈମାସିକ ଆର୍ଥିକ ରିପୋର୍ଟରେ ଜିଡିପିକୁ କୃଷିର ଅବଦାନ ୪.୨ ପ୍ରତିଶତ ଏକ ଉଲ୍ଲେଖନୀୟ ଘଟଣା। ହେଲେ କୃଷି ଉତ୍ପାଦର ବେପାର ବଣିଜରେ ଏହି ବର୍ଗର ହିଁ ପ୍ରମୁଖ ଭୂମିକା ରହିଛି। ତେଣୁ ଦେଶର ଅର୍ଥନୀତିକୁ ଗତି ଦେଇ ଚତୁର୍ଥସ୍ଥାନରେ ପହଚାଂଇବାର ସମସ୍ତ ଶ୍ରେୟ ଏମାନଙ୍କୁ ହିଁ ଦିଆଯାଉଛି। ତେଣୁ ସରକାର ବିପୁଳ ବ୍ୟାଙ୍କଋଣ ଛାଡ଼ କରିବା ସହ କର୍ପୋରେଟ ଟିକସ ମଧ୍ୟ ହ୍ରାସ କରିଛନ୍ତି। କିନ୍ତୁ ଆୟକର ବିଭାଗ ପରିସଂଖ୍ୟାନ କହେ ଏମାନଙ୍କ ଅପେକ୍ଷା ସାଧାରଣ ବର୍ଗ ହିଁ ଅଧିକ ଟିକସ ଦେଇଛନ୍ତି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ସରକାରଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ରହିଛି।

ପୁନର୍ଦଖଲ !

ଅବଶ୍ୟ ତୁଷ୍ଟୀକରଣ ରାଜନୀତି ମମତାଙ୍କ ପାଇଁ ସଫଳ ଭାବରେ କାର୍ଯ୍ୟ କରିବାର କାରଣ ଥିଲା ତାଙ୍କ ଭୋଟ୍‌ବ୍ୟାଙ୍କ୍‌ର ବାହାରେ ଥିବା ମତାଦାତାମାନଙ୍କର ବିଖଣ୍ଡିତ ମତଦାନ ଅଭ୍ୟାସ। ଏଥର କିନ୍ତୁ ଭୋଟ୍‌ବ୍ୟାଙ୍କ୍‌ର ବାହାରେ ଥିବା ଯେଉଁମାନେ ରାତ୍ରିକୁ ପୁନର୍ଦଖଲ କରିବାକୁ ବାହାରି ପଡ଼ିଥିଲେ, ସେମାନେ ଏକଜୁଟ ହୋଇ ମତଦାନ କରିବାରୁ ମମତାଙ୍କ ଚିରାଚରିତ କୌଶଳ ଆଉ ଫଳପ୍ରଦ ହୋଇନାହିଁ। ଅବଶେଷରେ ଅସମ୍ଭବ ସମ୍ଭବ ହୋଇଛି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଦୀର୍ଘ ପନ୍ଦର ବର୍ଷର ଶାସନର ଅନ୍ତ ଘଟିଛି। ଏହାକୁ ତୃଣମୂଳ କଂଗ୍ରେସ ଦଳର ଶାସନ ନ କହି ମମତାଙ୍କ ଶାସନ ବୋଲି କହିବା ହେଉଛି ଅଧିକ ଯଥାର୍ଥ, କାରଣ ଦୂର ଅତୀତରେ ଫ୍ରାନ୍‌ସର ସ୍ୱେଚ୍ଛାଚାରୀ ସମ୍ରାଟ ଚତୁର୍ଦ୍ଦଶ ଲୁଇ ଘୋଷଣା କରିଥିବା ଭଳି (''ମୁଁ ହେଉଛି ରାଷ୍ଟ୍ର।'') ମମତା ବାନାର୍ଜୀ ତାଙ୍କ ରାଜ୍ୟର ମତଦାତାମାନଙ୍କ ନିକଟରେ ନିଜକୁ ଯେଉଁଭଳି ଉପସ୍ଥାପିତ କରିଆସିଛନ୍ତି, ତାହା ହେଲା, ସେ ନିଜେ ହିଁ ହେଉଛନ୍ତି ଦଳ, ସେ ନିଜେ ହିଁ ହେଉଛନ୍ତି ବଙ୍ଗଳା ରାଜ୍ୟ। ଏବେ ସେ ରାଜ୍ୟର ମତଦାତାମାନେ ତାଙ୍କର ସେଇ ଆସ୍ପର୍ଦ୍ଧାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାର କାରଣ ବିଭିନ୍ନ ହୋଇପାରେ। କିନ୍ତୁ ବେଳେବେଳେ ଏକ ନିର୍ବାଚନରେ ମତଦାତାମାନଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରସଙ୍ଗ ବା କାରଣମାନଙ୍କର ଗହଳି ଭେଦ କରି ଗୋଟିଏ ଏମିତି କାରଣ ମୁଣ୍ଡ ଟେକିଥାଏ, ଯାହା ସେଇ ନିର୍ବାଚନର ଅନ୍ତିମ ଫଳାଫଳ ନିର୍ଣ୍ଣୟ କରିଥାଏ। ପଶ୍ଚିମବଙ୍ଗରେ ଏଥର ଯେଉଁ ପ୍ରସଙ୍ଗ ଏଭଳି ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥିବାର ଦୃଢ଼ ସମ୍ଭାବନା ରହିଥିବା ବିଶ୍ୱାସ କରାଯାଉଛି, ତାହା ହେଲା: ନାରୀ ନିରାପତ୍ତା। ଏହା ମମତା ଅବଲମ୍ବନ କରି ଆସିଥିବା ଅନ୍ୟ ସମସ୍ତ ରାଜନୈତିକ କୌଶଳମାନଙ୍କୁ ଭେଦ କରି ତାଙ୍କର ସୁଦୀର୍ଘ ଶାସନର ସର୍ବାଧିକ ସ୍ପର୍ଶକାତର ଦୁର୍ବଳତାକୁ ପଦାରେ ପକାଇବା ସହିତ ଏଇ ସମୟ କାଳ ମଧ୍ୟରେ ସେ ସଫଳ ଭାବରେ ହାସଲ କରିପାରିଥିବା ମତଦାତା ଆନୁଗତ୍ୟରେ ଅପ୍ରତ୍ୟାଶିତ ପରିବର୍ତ୍ତନ ଘଟାଇଛି। ସେ ରାଜ୍ୟର ମହିଳାମାନଙ୍କ ପାଇଁ ଏକ ଅନୁକରଣୀୟ ଆଦର୍ଶରେ ପରିଣତ ହୋଇଥିବା ରାଜ୍ୟର ସର୍ବପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲଢୁଆ ରାଜନେତା ମମତା ସୁଚିନ୍ତିତ ମଙ୍ଗଳ ବଣ୍ଟନ କାର୍ଯ୍ୟକ୍ରମମାନ ମାଧ୍ୟମରେ ତଥା ଚତୁର ସନ୍ଦେଶ ପ୍ରସାର ମାଧ୍ୟମରେ ସେଠାରେ ମହିଳାମାନଙ୍କ ମଧ୍ୟରେ ଏକ ସୁଦୃଢ଼ ସମର୍ଥନର ଭିତ୍ତି ନିର୍ମାଣ କରିଥିଲେ। ଦୀର୍ଘ ରାଜନୈତିକ ସଫଳତା ପ୍ରସୂତ ନିଶାରେ ମମତା କିନ୍ତୁ ଯାହା ହୃଦୟଙ୍ଗମ କରିପାରି ନ ଥିଲେ, ତାହା ହେଲା ଏସବୁ ସତ୍ତ୍ୱେ ଯେଉଁ ଗୋଟିଏ ପ୍ରସଙ୍ଗ ମହିଳା ମତଦାତାଙ୍କର ଆନୁଗତ୍ୟକୁ ଅବଶେଷରେ ଓଲଟାଇ ଦେଇପାରେ, ତାହା ହେଉଛି- ଦୈନନ୍ଦିନ ଜୀବନରେ ମହିଳାମାନଙ୍କୁ ସମ୍ମୁଖୀନ ହେବାକୁ ପଡୁଥିବା ସମ୍ମାନ ଓ ନିରାପତ୍ତା ସଂପର୍କିତ ପରିସ୍ଥିତି। ଅନ୍ୟ ପ୍ରକାରରେ କହିଲେ, ମହିଳାମାନଙ୍କର ଆନୁଗତ୍ୟର ସ୍ଥାୟିତ୍ୱ ନିର୍ଭର କରିଥାଏ ନେତାଙ୍କ ଶାସନ କାଳରେ ସେମାନଙ୍କୁ ଉପଲବ୍ଧ ହେଉଥିବା ଦୈ ?ନନ୍ଦିନ ସମ୍ମାନ ଓ ନିରାପତ୍ତା ଉପରେ। ସେମାନେ ହୁଏତ ଏଥିରେ କାଁ ଭାଁ ଦେଖାଯାଉଥିବା ଅଭାବ ବା ବ୍ୟତିକ୍ରମକୁ ସ୍ୱାଭାବିକ ରୂପେ ବିଚାର କରି ଏଥିପାଇଁ ନେତାଙ୍କୁ ଦାୟୀ କରି ନ ପାରନ୍ତି କିମ୍ବା ତାଙ୍କ ପ୍ରତି ବିମୁଖ ନ ହୋଇପାରନ୍ତି, କିନ୍ତୁ ଯେତେବେଳେ ଦୀର୍ଘ କାଳ ଧରି ଏହା ଏକ ଧାରାରେ ପରିଣତ ହୋଇଯାଇଥାଏ ଏବଂ ନେତା ଜଣକ ପରିସ୍ଥିତିରେ ଉନ୍ନତି ଘଟାଇବା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ, ଏଥିପ୍ରତି ଆଖି ବୁଜିଦେବା ଦେଖାଯାଏ, ସେତେବେଳେ ମହିଳାମାନଙ୍କ ମଧ୍ୟରେ ଅସହାୟତାବୋଧର ବ୍ୟାପକ ପ୍ରସାର ଘଟିଥାଏ ଏବଂ ସେମାନେ ପରିସ୍ଥିତିରେ ପରିବର୍ତ୍ତନ ଆଶା କରି ଏକ ବିକଳ୍ପ ନେତୃତ୍ୱର ସନ୍ଧାନ କରିଥାନ୍ତି। ମମତା ବାନାର୍ଜୀଙ୍କ ପଶ୍ଚିମବଙ୍ଗରେ ଏବେ ତାହା ହିଁ ଘଟିଛି। ତାଙ୍କର ଶାସନର ଏହି ଚରିତ୍ର ସମ୍ବନ୍ଧରେ ସାର୍ବଜନୀନ ଧାରଣାକୁ ଯାହା ରୂପ ପ୍ରଦାନ କରିଛି ଓ ଦୃଢ଼ୀଭୂତ କରିଛି, ତାହା ହେଉଛି ତାଙ୍କର ଶାସନ କାଳର ଆଦ୍ୟ ସମୟରୁ ବର୍ତମାନ ପର୍ଯ୍ୟନ୍ତ ତାଙ୍କ ରାଜ୍ୟରେ ପ୍ରାୟ ନିୟମିତ ବ୍ୟବଧାନରେ ଘଟି ଆସିଥିବା କେତେକ ଜଘନ୍ୟ ତଥା ଚାଂଚଲ୍ୟକର ନାରୀ ନିର୍ଯାତନା ଘଟଣାମାନ- ପାର୍କ ଷ୍ଟ୍ରିଟ୍ ଧର୍ଷଣରୁ ସନ୍ଦେଶଖାଲି ଧର୍ଷଣ ଓ ଆରଜି କର ମେଡିକାଲରେ ଘଟିଥିବା ଲୋମହର୍ଷଣକାରୀ ଧର୍ଷଣ ଓ ହତ୍ୟାକାଣ୍ଡ ପର୍ଯ୍ୟନ୍ତ। ଏଇ ସମସ୍ତ କାଣ୍ଡମାନ ଜନମାନସରେ ପଶ୍ଚିମବଙ୍ଗ ସମ୍ବନ୍ଧରେ ଯେଉଁ ଏକ ଧାରଣାକୁ ଦୃଢ଼ୀଭୂତ କରିଦେଇଥିଲା, ତାହା ହେଲା- ଏ ରାଜ୍ୟ ହେଉଛି ମହିଳାମାନଙ୍କ ପାଇଁ ଏକ ସଂପୂର୍ଣ୍ଣ ଅସୁରକ୍ଷିତ ଅଚଂଳ। ମତଦାତାମାନଙ୍କୁ ଯେ ଏହା ଗଭୀର ଭାବରେ ପ୍ରଭାବିତ କରିଥିଲା, ତା'ର ପ୍ରମାଣ ସ୍ୱରୂପ ନିର୍ବାଚନରେ ମମତାଙ୍କ ଦଳର ପ୍ରାର୍ଥୀଙ୍କୁ ବିରୋଧ କରି ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ରୂପେ ଅବତୀର୍ଣ୍ଣ ହୋଇଥିବା ରାଜନୀତିରେ ସଂପୂର୍ଣ୍ଣ ନବାଗତା ଉଭୟ ସନ୍ଦେଶଖାଲିର ପ୍ରତିବାଦକାରିଣୀ ରେଖା ପାତ୍ର ଓ ଆ ?ଜି କର ମେଡିକାଲ ଘଟଣାରେ ମୃତ୍ୟୁବରଣ କରିଥିବା ଅଭୟାଙ୍କର ମାତା ରତ୍ନାଦେବ ନାଥଙ୍କୁ ମତଦାତାମାନେ ବିପୁଳ ଭାବରେ ବିଜୟମଣ୍ଡିତ କରାଇଛନ୍ତି। ଅତୀତରେ ଦିଲ୍ଲୀ ଠାରେ ଘଟିଥିବା ନିର୍ଭୟାଙ୍କର ଧର୍ଷଣ ଓ ହତ୍ୟା ଯେଉଁଭଳି ସାରା ଦେଶର ଅନ୍ତରାତ୍ମାକୁ ଦୋହଲାଇ ଦେଇଥିଲା, ଆ ?ଜି କର ମେଡିକାଲ ଘଟଣା ସେଇଭଳି କେବଳ ପଶ୍ଚିମବଙ୍ଗ ନୁହେଁ ସମସ୍ତ ଦେଶବାସୀଙ୍କୁ ଯନ୍ତ୍ରଣା ଜର୍ଜରିତ କରିଦେଇଥିଲା। ସେତେବେଳେ ସେ ରାଜ୍ୟ ସାରା ମହିଳାମାନେ ପ୍ରତିବାଦ ପ୍ରଦର୍ଶନ ସ୍ୱରୂପ ରାତିରେ ମହମବତୀ ଧରି ରାସ୍ତାକୁ ବାହାରିପଡ଼ି ଯେଉଁ ''ରାତ୍ରିକୁ ପୁନର୍ଦଖଲ କର'' ଅଭିଯାନ ଆରମ୍ଭ କରିଥିଲେ, ମନେ ହେଉଛି ଆଜି ତା'ର ପ୍ରାୟ ଦୁଇ ବର୍ଷ ପରେ ତାହା ଏକ ରାଜନେକ୍ତ୍ରିକ ରୂପ ପରିଗ୍ରହଣ କରି ମମତାଙ୍କୁ ଶାସନରୁ ବେଦଖଲ କରି ସେ ରାଜ୍ୟରେ ମହିଳା ନିରାପତ୍ତା ନିଶ୍ଚିତ କରିବାକୁ ତା'ର ମୁଖ୍ୟ ନିର୍ବାଚନୀ ପ୍ରତିଶ୍ରୁତି ରୂପେ ଉପସ୍ଥାପିତ କରିଥିବା ଏକ ରାଜନୈତିକ ଦଳକୁ ସେ ସ୍ଥାନରେ ଅଧିଷ୍ଠିତ କରିବାରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଛି। ସେଠାରେ ନାରୀମାନଙ୍କର ଏଇ କ୍ରୋଧ କେବଳ ତାଙ୍କର ଦଳକୁ କ୍ଷମତାଚ୍ୟୁତ କରିଛି, ତାହା ନୁହେଁ, ଏହା ମଧ୍ୟ ଖୋଦ୍ ମମତା ବାନାର୍ଜୀଙ୍କୁ ଜଣେ ପ୍ରାର୍ଥୀ ଭାବରେ ଏଇ ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିବାକୁ ବାଧ୍ୟ କରିଛି। ଏହା ଜଣାଶୁଣା ଯେ ପ୍ରଖ୍ୟାତ ସମାଜଶାସ୍ତ୍ରୀ ଏମ୍. ଏନ୍. ଶ୍ରୀନିବାସ ଉଦ୍ଭାବନ କରିଥିବା ଅଭିବ୍ୟକ୍ତି 'ଭୋଟ୍‌ବ୍ୟାଙ୍କ୍' ରାଜନୀତିର ଦେଶରେ ଜଣେ ଅଗ୍ରଣୀ ଉପାସିକା ହେଉଛନ୍ତି ମମତା ବାନାର୍ଜୀ। ଏଇ ତନ୍ତ୍ର ଅନୁସାରେ ଜଣେ ଶକ୍ତିଶାଳୀ ନେତା ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସୁରକ୍ଷା ସହିତ ବିଭିନ୍ନ ଅହେତୁକ ସୁବିଧା ସୁଯୋଗମାନ ଯୋଗାଇ ଦେଇଥାନ୍ତି। ଏହାର ପ୍ରତିବଦଳରେ ସେଇ ଗୋଷ୍ଠୀର ସମସ୍ତ ମତଦାତାମାନେ ଏକଜୁଟ ହୋଇ ନିର୍ବାଚନରେ ସେଇ ନେତାଙ୍କ ସପକ୍ଷରେ ମତଦାନ କରିଥାନ୍ତି। ଏହା ହେଉଛି ତୁଷ୍ଟୀକରଣ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପରିପ୍ରକାଶ। ଯେଉଁଠି ଏଭଳି ଗୋଷ୍ଠୀର ଆକାର ନିର୍ବାଚନର ଫଳାଫଳକୁ ନିର୍ଣ୍ଣାୟକ ଭାବରେ ପ୍ରଭାବିତ କରିବା ଭଳି ବିଶାଳ ହୋଇଥାଏ, ଅର୍ଥାତ୍ ଭୋଟ୍‌ବ୍ୟାଙ୍କ୍‌ରେ ଉପଲବ୍ଧ ଭୋଟରଙ୍କ ସଂଖ୍ୟା ବୃହତ୍ ହୋଇଥାଏ, ସେଠାରେ ତୁଷ୍ଟୀକରଣ ନେତାଙ୍କ ପାଇଁ ଅଧିକ ଲାଭଜନକ ହୋଇଥାଏ। ଯେହେତୁ ପଶ୍ଚିମବଙ୍ଗର ଜନସଂଖ୍ୟାରେ ସଂଖ୍ୟାଲଘୁ ଅନୁପାତ ଉଚ୍ଚ ହୋଇଥାଏ, ସେଠାରେ ମମତା ଏଇ କୌଶଳ ପ୍ରୟୋଗ କରି ସେମାନଙ୍କର ତୁଷ୍ଟୀକରଣ ମାଧ୍ୟମରେ ନିର୍ବାଚନୀ ରାଜନୀତିରେ ଏ ପର୍ଯ୍ୟନ୍ତ ବେଶ୍ ଲାଭବାନ ହୋଇ ଆସିଥିଲେ। ଏହା ଅବଶ୍ୟ ସତ ଯେ ତୁଷ୍ଟୀକରଣ ରାଜନୀତିର ଅନୁଧାବନ ଦ୍ୱାରା ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି ବ୍ୟାହତ ହୋଇଥାଏ। ତେବେ ନନ୍ଦିଗ୍ରାମ ଓ ସିଙ୍ଗୁରରେ ଶିଳ୍ପାୟନକୁ ବିରୋଧ କରି ନିଜର ରାଜନୈତିକ ସଫଳତାର ଯାତ୍ରା ଆରମ୍ଭ କରିଥିବା ମମତାଙ୍କ ପାଇଁ ଅଭିବୃଦ୍ଧି କୌଣସି ଗୁରୁତ୍ୱ ବହନ କରି ନ ଥାଏ। ଅବଶ୍ୟ ତୁଷ୍ଟୀକରଣ ରାଜନୀତି ମମତାଙ୍କ ପାଇଁ ସଫଳ ଭାବରେ କାର୍ଯ୍ୟ କରିବାର କାରଣ ଥିଲା ତାଙ୍କ ଭୋଟ୍ ବ୍ୟାଙ୍କ୍‌ର ବାହାରେ ଥିବା ମତାଦାତାମାନଙ୍କର ବିଖଣ୍ଡିତ ମତଦାନ ଅଭ୍ୟାସ। ଏଥର କିନ୍ତୁ ଭୋଟ୍‌ବ୍ୟାଙ୍କ୍‌ର ବାହାରେ ଥିବା ଯେଉଁମାନେ ରାତ୍ରିକୁ ପୁନର୍ଦଖଲ କରିବାକୁ ବାହାରି ପଡ଼ିଥିଲେ, ସେମାନେ ଏକଜୁଟ ହୋଇ ମତଦାନ କରିବାରୁ ମମତାଙ୍କ ଚିରାଚରିତ କୌଶଳ ଆଉ ଫଳପ୍ରଦ ହୋଇନାହିଁ। ତେଣୁ ନୂତନ ସରକାରର ପ୍ରଥମ ଦାୟିତ୍ୱ ହେଉଛି ନିଜର ପ୍ରତିଶ୍ରୁତି ପାଳନ କରି ସେ ରାଜ୍ୟର ମହିଳାମାନଙ୍କ ଦ୍ୱାରା ସମ୍ଭବ ହୋଇଥିବା ରାଜ୍ୟର ଏହି ପୁନର୍ଦଖଲକୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କର ସମ୍ମାନ ଓ ନିରାପତ୍ତାକୁ ଅହରହ ଅକ୍ଷୁଣ୍ଣ ରଖିବାରେ ତିଳେମାତ୍ର ହେଳା ନ କରିବା। ନଚେତ ଅବିଳମ୍ବେ ସେମାନଙ୍କୁ ମଧ୍ୟ ମମତାଙ୍କ ଦଶା ଭୋଗିବାକୁ ପଡ଼ିବ।

ବଣିଜ ବିଚାର : ଜୋତା ଶିଳ୍ପର ଲାଭକୁ ଅଣଦେଖା କାହିଁକି ?

ଆମ ଜୀବନରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଭାବେ ତ ଜୋତା ଓ ଚପଲର ଚାହିଦା ଅଛି, ଫେସନ ଅଭିବ୍ୟକ୍ତି ଭାବେ ଜୋତା ବା ଚପଲ ମଧ୍ୟ ବେଶ ପୋଷାକର ଏକ ଅଂଶ ଭାବେ ବିପୁଳ ଲୋକପ୍ରିୟ। ସୁତରାଂ, ତାହାର ଉତ୍ପାଦନ ଓ ବ୍ୟବସାୟକୁ ନେଇ ଆମ ରାଜ୍ୟର ସ୍ଥିତି ଏବଂ ଅନ୍ୟ ରାଜ୍ୟମାନେ ଏଥିରେ କେତେ ଅଗ୍ରଣୀ ତାହା ଏକ ଆଲୋଚନା ଲାଗି ସଂଦର୍ଭ ସୃଷ୍ଟି କରିଥାଏ। ପୁଣି ଉତ୍କଳଗୌରବ ମଧୁସୂସନ ଦାସଙ୍କ ଦ୍ୱାରା ସ୍ଥାପିତ 'ଉତ୍କଳ ଟାନେରି' ସ୍ୱାଧୀନତା ପୂର୍ବବର୍ତୀ ଭାରତରେ ସ୍ୱଦେଶୀ ଉଦ୍ୟୋଗର ଏକ ଧ୍ରୁବତାରାସୁଲଭ ଦୃଷ୍ଟାନ୍ତ ହୋଇଥିବାରୁ ଆମ ରାଜ୍ୟକୁ ଘେନି ଏଭଳି ଆଲୋଚନା ଅଧିକ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ ଜୋତା କିମ୍ବା ଚପଲ ବ୍ୟବସାୟକୁ ଦୁଇ ଭାଗରେ ବିଭକ୍ତ କରାଯିବ; ପ୍ରଥମଟି ହେଲା ଆମ ଦେଶର ବିଭିନ୍ନ ରାଜ୍ୟରେ ତିଆରି ଓ ବିକ୍ରି ହେଉଥିବା ଜୋତା ବା ଚପଲ ଏବଂ ଦ୍ୱିତୀୟଟି ହେଲା ଆମ ଦେଶରେ ମିଳୁଥିବା ବିଦେଶୀ କମ୍ପାନିର ଜୋତା ବା ଚପଲ। ଆମ ଦେଶୀ ବ୍ରାଣ୍ଡ ଭିତରେ କିଛି ଅଗ୍ରଗଣ୍ୟ ହେଲେ ବାଟା, ଖାଦିମ୍‌ସ, ଶ୍ରୀଲେଦର୍ସ, ଭିକେସି ଇତ୍ୟାଦି ଏବଂ ବିଦେଶୀ ବ୍ରାଣ୍ଡଗୁଡ଼ିକ ଭିତରେ ପ୍ରମୁଖ ହେଉଛନ୍ତି ନାଇକି, ପୁମା, ସୋଲମୋନ, କନଭର୍ସ, ରିବୋକ, କ୍ରକ୍‌ସ ଇତ୍ୟାଦି। ତେବେ, ସମସ୍ତେ ନାମକରା ବ୍ରାଣ୍ଡର ଚପଲ ବା ଜୋତା ପିନ୍ଧୁ ନ ଥିବାରୁ ଆଂଚଳିକ ଭାବେ ତିଆରି ଜୋତା ବା ଚପଲର ମଧ୍ୟ ଏକ ବିଶାଳ ବଜାର ରହିଛି, କିନ୍ତୁ ସେ ଉଦ୍ୟୋଗର ସ୍ଥିତି ସୁବ୍ୟବସ୍ଥିତ ନୁହେଁ। ପ୍ରଥମେ ବିଦେଶୀ ବ୍ରାଣ୍ଡର ବ୍ୟବସାୟ ଉପରେ ଆଲୋଚନା କରିବା, ଯାହାର ଦୁଇଟି ସ୍ତର ରହିଛି। ପ୍ରଥମ ସ୍ତରରେ ଥାଆନ୍ତି ନାମକରା ବିଦେଶୀ ବ୍ରାଣ୍ଡଗୁଡ଼ିକ ନିଜେ ପ୍ରସ୍ତୁତ କରୁଥିବା ଜୋତା ବା ଚପଲ, ଯେଉଁ କଂପାନିଗୁଡ଼ିକ ମୂଳତଃ ଆମେରିକା, ଜର୍ମାନୀ, ଜାପାନ ଓ ସ୍ୱିଜରଲ୍ୟାଣ୍ଡରେ ଅବସ୍ଥିତ ଏବଂ ସେମାନଙ୍କ ନାଁରେ ଜୋତା ବିକ୍ରି ହୁଏ। କିନ୍ତୁ ଏଭଳି ଜୋତା ବା ଚପଲ କମ୍ପାନି ଅଧିକାଂଶ ଜୋତା ବା ଚପଲ ନିଜେ ଉତ୍ପାଦନ ନ କରି ସେ ଦାୟିତ୍ୱ ଅନ୍ୟ କମ୍ପାନିଗୁଡ଼ିକୁ ଦେଇ ଦିଅନ୍ତି। ବଡ଼ ବ୍ରାଣ୍ଡଗୁଡ଼ିକ ଲାଗି ଜୋତା ତିଆରି କରୁଥିବା କମ୍ପାନିଗୁଡ଼ିକୁ 'ଆଉଟସୋର୍ସଡ୍ ଫୁଟ୍‌ଓୟର ମ୍ୟାନୁଫାକ୍‌ଚରର ବୋଲି କୁହାଯାଏ। ଏମାନେ ଦୀର୍ଘକାଳୀନ ଚୁକ୍ତି ଭିତିରେ ନାମୀ କଂପାନିଗୁଡ଼ିକ ଲାଗି ଜୋତା ତିଆରି କରିଥାଆନ୍ତି। ଏହା ହେଉଛି ଦ୍ୱିତୀୟ ସ୍ତର। ଏଭଳି 'ଆଉଟସୋର୍ସିଂ'ରୁ ଲାଭବାନ ହେଉଥିବା କମ୍ପାନିଗୁଡ଼ିକ ଭିତରୁ ପାଖାପାଖି ୯୦% ଭିଏତନାମ, ତାଇଓ୍ୱାନ ଓ ଚୀନରେ ଅବସ୍ଥିତ। ତେଣୁ ବିଶ୍ୱ ବଜାରରେ ବହୁଳ ଭାବେ ବିକ୍ରି ହେଉଥିବା ଆମେରିକୀ ବା ୟୁରୋପୀୟ ବ୍ରାଣ୍ଡର ଜୋତା ବା ଚପଲ ପ୍ରକୃତରେ ତିଆରି ହେଉଛି ଏସିଆ ମହାଦେଶର ଉପରୋକ୍ତ କିଛି ଦେଶରେ। ଏହି ପରିପ୍ରେକ୍ଷୀରେ ଯାହା ଧ୍ୟାନ ଆକର୍ଷଣକାରୀ, ତାହା ହେଲା ତାଇଓ୍ୱାନ ଓ ଭିଏତନାମରେ କଚାଂମାଲ ଓ ଶ୍ରମିକ ମଜୁରିରେ ବୃଦ୍ଧି ହୋଇଥିବା ହେତୁ ଅନେକ ବିଦେଶୀ ବ୍ରାଣ୍ଡ ଗଲା ଦଶ ବର୍ଷ ହେଲାଣି ସେମାନଙ୍କ ଦ୍ରବ୍ୟ ଉତ୍ପାଦନ ଲାଗି ଭାରତମୁହାଁ ହୋଇଛନ୍ତି। ଫଳରେ ଏହି ବ୍ରାଣ୍ଡେଡ୍ କମ୍ପାନିଗୁଡ଼ିକୁ ଭାରତ ତିଆରି ଜୋତା ରପ୍ତାନିରେ ବୃଦ୍ଧି ଘଟିଛି। ପୂର୍ବେ ଆମ ଦେଶରେ ଜୋତା କିମ୍ବା ଚପଲ ତିଆରି କଥା ଉଠିଲେ ଉନ୍ତରପ୍ରଦେଶର ଆଗ୍ରା ଓ କାନପୁର କଥା ଶୁଣାଯାଉଥିଲା। କିନ୍ତୁ ବିଗତ ଦୁଇ ଦଶନ୍ଧି ହେବ ଦକ୍ଷିଣ ଭାରତର ତାମିଲନାଡୁସ୍ଥ ଅମ୍ବୁର ଓ ରାଣୀପେଟ, ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲା ଜୋତା ଓ ଚପଲ ତିଆରିରେ ଅଗ୍ରଣୀ ହୋଇଗଲେଣି। ଏହି ସବୁ ସ୍ଥାନରେ ଉଭୟ ଦେଶୀ ଓ ବିଦେଶୀ ବ୍ରାଣ୍ଡର ଜୋତା ତିଆରି କରାଯାଉଛି। ତାମିଲନାଡୁର ଅମ୍ବୁର ଓ ଚେନ୍ନାଇ ଅଚଂଳରେ ପ୍ରାୟ ୨୨୫ଟି ଜୋତା କିମ୍ବା ଚପଲ ତିଆରି କାରଖାନା ରହିଛି। ଦେଶର ସମୁଦାୟ ଜୋତା ଚାହିଦାର ୩୦% ପୂରଣ କରିଥାଏ କେବଳ ତାମିଲନାଡୁର ଏଇ ଅଚଂଳ। ଦେଶର ଜୋତା କିମ୍ବା ଚପଲ ରପ୍ତାନିର ୪୮% କେବଳ ଚେନ୍ନାଇ ବନ୍ଦରରୁ ହିଁ ହୋଇଥାଏ। ସେମିତି ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲାରେ ବନ୍ଦର ପାଖରେ ୨୦ରୁ ଅଧିକ ଚପଲ ଓ ଜୋତା ତିଆରି କାରଖାନାମାନ ରହିଛି। କିନ୍ତୁ ଆମ ରାଜ୍ୟରେ ଚପଲ ଓ ଜୋତା ତିଆରି କାରଖାନା ଆଦୌ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ; ଅତି ବେଶୀରେ ଆମ ରାଜ୍ୟରେ ମାତ୍ର ୮ରୁ ୧୦ଟି ଛୋଟ କମ୍ପାନି ଅଛନ୍ତି। ତେଣୁ ଆମ ରାଜ୍ୟ ଏ କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ଆମ ରାଜ୍ୟରେ ମିଳୁଥିବା ଚମଡ଼ା ଜୋତା କିମ୍ବା ଚପଲ କାନପୁର କିମ୍ବା ଆଗ୍ରାରୁ ଆସୁଛି, ଫେସନ ଲାଗି ପିନ୍ଧା ଯାଉଥିବା ଜୋତା କିମ୍ବା ଚପଲ ଆସୁଛି ଚେନ୍ନାଇ ଓ ଆନ୍ଧ୍ରରୁ ଏବଂ କମ୍ ଦାମ୍‌ର ଚପଲ କିମ୍ବା ଜୋତା ଆସୁଛି ଦିଲ୍ଲୀ ଓ ହରିୟାଣାରୁ। କହିବାର ମର୍ମ ହେଲା ସଂପ୍ରତି ସୃଷ୍ଟି ହୋଇଥିବା ସୁଯୋଗର ଲାଭ ଉଠାଇ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟ ଆୟ ଓ ନିଯୁକ୍ତି ବୃଦ୍ଧିରେ ସଫଳ ହୋଇଥିଲା ବେଳେ ଆମ ରାଜ୍ୟ ଲାଭ ଉଠାଇ ପାରିନାହିଁ। ତାମିଲନାଡୁ ଏ ଦିଗରେ କିଭଳି ଅଗ୍ରଗତି କରିଛି, ତାହା ଦେଖିବା। ଏହି ଆଲୋଚନାରେ କେବଳ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଜୋତା କିମ୍ବା ଚପଲକୁ ଅନୁଶୀଳନ ଲାଗି ନିଆଯାଉ। ସଂପ୍ରତି ବଜାରରେ ଏକ ପ୍ରକାରର ଚପଲର ଚାହିଦା ବହୁତ, ଯାହାକୁ 'କ୍ଲଗ୍‌ସ' ଚପଲ ବୋଲି କୁହାଯାଉଛି। ବିଶ୍ୱ ବଜାରରେ ଏହି ପ୍ରକାରର ଚପଲର ବ୍ୟାବସାୟିକ ମୂଲ୍ୟ ୭୫ ହଜାର କୋଟି ଡଲାର ହେଲାଣି। ଏହାର ବିକ୍ରି ବିଗତ ତିନି ବର୍ଷ ଭିତରେ ୭% ହାରରେ ବୃଦ୍ଧି ପାଉଛି ଏବଂ ଆଗାମୀ ୫ ବର୍ଷରେ ଏହି ବୃଦ୍ଧି ହାର ୧୨%ରେ ପହଚିଂବ ବୋଲି ଆକଳନ କରାଯାଉଛି। ୨୦୩୦ ମସିହା ସୁଦ୍ଧା 'କ୍ଲଗ୍‌ସ'ଜାତୀୟ ଚପଲର ବଜାର ଆକାର ୧.୧୮ ଲକ୍ଷ କୋଟି ଡଲାରରେ ପହଚିଂବାର ବୋଲି ଅନୁମାନ କରାଯାଉଛି। ବିଶ୍ୱ ଚପଲ ବଜାରରେ ଏଭଳି ବ୍ୟବସାୟର ସୁଯୋଗକୁ ଉପଲବ୍ଧି କରିପାରିଥିବା ପ୍ରଥମ ରାଜ୍ୟ ହେଉଛି ତାମିଲନାଡୁ। ଗଲା ଦଶନ୍ଧିରେ ତାମିଲନାଡୁ ସରକାର ତାଇଓ୍ୱାନ ଓ ଭିଏତନାମରୁ ଚପଲ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରଣ କରି ଉଦ୍ୟୋଗ ବସାଇବା ପାଇଁ ଅନେକ ସୁବିଧା ଯୋଗାଇ ଦେଇଛନ୍ତି। ଫଳତଃ, କାଞ୍ଚିପୁରମ, ତିଣ୍ଡିଓ୍ୱାଣମ ଓ ଭେଲୋର ଭଳି ଅଂଚଳରେ କୋଡ଼ିଏରୁ ଅଧିକ ବଡ଼ ତାଇଓ୍ୱାନୀ ଓ ଭିଏତନାମୀ କମ୍ପାନି ଉଦ୍ୟୋଗ ସ୍ଥାପନ କରିଛନ୍ତି। ଏହି ସବୁ ଉଦ୍ୟୋଗ ରପ୍ତାନିଭିତ୍ତିକ ଏବଂ ପ୍ରତ୍ୟେକ ଉଦ୍ୟୋଗରେ ପ୍ରାୟ ତିନିରୁ ଚାରି ହଜାର ଆଂଚଳିକ ଲୋକ ନିଯୁକ୍ତି ପାଇଛନ୍ତି। ବର୍ଷକୁ ଏକ କୋଟି କ୍ଲଗ୍‌ସ ଚପଲ ଯୋଡ଼ା ତିଆରି କରିବାକୁ ହେଲେ ପ୍ରଥମେ ଦରକାର ପ୍ରାୟ ୧୦୦ ଏକର ପରିମିତ ଜମି। ତାମିଲନାଡୁ ସରକାର ଏଭଳି କମ୍ପାନିଙ୍କୁ ଜମି କୋଡ଼ିଏ ବର୍ଷିଆ ଲିଜ୍‌ରେ ଦେଇଛନ୍ତି। ଏଭଳି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ହୁଏ ପ୍ରାୟ ୪୦୦ କୋଟି ଟଙ୍କା, ଯହିଁରେ ଜୋତା ବା ଚପଲ ତିଆରି ମେସିନ ଅନ୍ତର୍ଭୁକ୍ତ। ବର୍ଷକୁ କୋଟିଏ ଯୋଡ଼ା ଚପଲ ତିଆରି କରୁଥିବା କାରଖାନାରେ ମୋଟାମୋଟି ୩୨୦୦ ଜଣ ଲୋକ ନିଯୁକ୍ତି ପାଆନ୍ତି, ଯହିଁରୁ ୨୨୦୦ ଜଣ ଅଣକୁଶଳୀ, ପ୍ରାୟ ୯୫୦ ଜଣ ଅର୍ଦ୍ଧକୁଶଳୀ ଏବଂ ମାତ୍ର ପ୍ରାୟ ୫୦ ଜଣ କୁଶଳୀ ବା ଦକ୍ଷ ମାନବ ସମ୍ବଳ ଭାବେ ଗଣା। ଜଣେ ଅଣକୁଶଳୀ କର୍ମଚାରୀ ସକାଶେ ଦରମା ମାସିକ ୨୦ ହଜାର ହୋଇଥିଲା ବେଳେ ଅର୍ଦ୍ଧ ଓ ପୂର୍ଣ୍ଣ ଦକ୍ଷ ମାନବ ସମ୍ବଳ ଲାଗି ଦରମା ବ୍ୟକ୍ତି ପିଛା ମାସିକ ୩୦ ହଜାରରୁ ନେଇ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ସୁତରାଂ, ବେକାରି ଦୂରୀକରଣ ଦିଗରେ ଏଭଳି ଉଦ୍ୟୋଗର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ଏଭଳି ଚପଲ ତିଆରି ଲାଗି ଆବଶ୍ୟକ କଚାଂମାଲ ଯଥା ରେଜିନ୍‌ସ ଓ କିଛି ନିର୍ଦ୍ଦିଷ୍ଟ ରାସାୟନିକ ଦ୍ରବ୍ୟର କିଲୋ ପିଛା ଦର ହେଉଛି ଯଥାକ୍ରମେ ୧୮୦ ଟଙ୍କା ଓ ୩୬୦ ଟଙ୍କା। ଏହି ଆଧାରରେ ହିସାବରୁ ଜଣାପଡ଼େ ଯେ ଗୋଟେ ଯୋଡ଼ା ଏଭଳି ଚପଲର ତିଆରି ମୂଲ୍ୟ ହେଉଛି ମାତ୍ର ୩୨୦ ଟଙ୍କା। କିନ୍ତୁ ତାହାର ବିକ୍ରୟ ଦର ଯାହା, ସେଥିରେ ୪୦% ଲାଭ ମିଳିଥାଏ। ଏଭଳି ଏକ କାରଖାନା ଆରମ୍ଭ ହୋଇ ଉତ୍ପାଦନକ୍ଷମ ହେବା ସ୍ତରକୁ ଆସିବା ଲାଗି ସମୁଦାୟ ୧୫ରୁ ୧୮ ମାସ ଆବଶ୍ୟକ। ଆମ ରାଜ୍ୟରେ ଏଭଳି ଉଦ୍ୟୋଗ ଲାଗି ଜମି ଓ ପ୍ରମୁଖ ମାନବ ସମ୍ବଳ ଭାବେ ଅଣକୁଶଳୀ ଶ୍ରମିକଙ୍କ ଉପଲବ୍ଧତାରେ ଅଭାବ ନ ଥିବାରୁ ଏଭଳି କାରଖାନା ଲାଗି ଅସୁବିଧାର କୌଣସି କାରଣ ନାହିଁ। ଦ୍ୱିତୀୟ କଥା ହେଲା ବିଦେଶୀ କଂପାନି ଲାଗି ଦ୍ରବ୍ୟ ତିଆରି କରିବାକୁ ଚୁକ୍ତିବଦ୍ଧ ହେଲେ ସେଥି ଲାଗି ଆବଶ୍ୟକ ସେହି କଂପାନିଗୁଡ଼ିକ ଦ୍ୱାରା ଅନୁମୋଦିତ ଉନ୍ନତ ଗୁଣମାନର କଚାଂମାଲ ବିଦେଶରୁ ଆମଦାନି କରାଯାଇଥାଏ। ତେଣୁ କଚାଂ ମାଲ ଲାଗି ମଧ୍ୟ କିଛି ଅସୁବିଧା ନାହିଁ। ତେଣୁ ଏ ସୁଯୋଗକୁ ହାତେଇ ନେବାରେ ଆମ ରାଜ୍ୟ ଲାଗି ଅସୁବିଧା କେଉଁଠି ? ସ୍ୱଦେଶୀ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ମଧୁବାବୁ ୧୯୦୫ ମସିହାରେ ଉତ୍କଳ ଟାନେରି ଗଢ଼ିଥିଲେ। ରାଜ୍ୟ ପାଇଁ ଆବଶ୍ୟକ ଜୋତା ଇଂଲଣ୍ଡରୁ କିଣା ନ ଯାଉ ବୋଲି ମଧୁବାବୁ ଅଚାଂ ଭିଡ଼ିଥିଲେ। ପରିଣାମରେ ମଧୁବାବୁଙ୍କୁ ଏଥିପାଇଁ ବହୁତ କଷ୍ଟ ଉଠାଇବାକୁ ପଡ଼ିଥିଲା। ଏବେ ଅନ୍ତତଃ ତା'ର ସ୍ମୃତି ଚାରଣ କରି ରାଜ୍ୟ ସରକାର ଓ ରାଜ୍ୟର ପୁଞ୍ଜିପତିମାନେ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ରାଜ୍ୟ ଦକ୍ଷତା ବିକାଶ ବିଭାଗ ଏ ଦିଗରେ ଧ୍ୟାନ ଦେବା ଦରକାର। ଏଭଳି ଟ୍ରେନିଂ ସେଣ୍ଟର ଜରିଆରେ କୁଶଳୀ ଶ୍ରମ ବଳ ସୃଷ୍ଟି କରାଗଲେ ସେମାନେ ଅଧିକ ପାରିଶ୍ରମିକରେ ନିଯୁକ୍ତିର ସୁଯୋଗ ଆମ ରାଜ୍ୟ ଅଥବା ବାହାର ରାଜ୍ୟରେ ପାଆନ୍ତେ।

ରାଜ୍ୟରେ ପ୍ରତିଷ୍ଠା ହେବ ୭ଟି ମହିଳା ଫାଷ୍ଟଟ୍ରାକ୍ ଏବଂ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ

ଭୁବନେଶ୍ୱର : ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତନ ଘଟୁଛି । ବର୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି । ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି । ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଶନିବାରି ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍‌ପିଏ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତନ ଓ ଆଇନ ବ୍ୟବସ୍ଥା : ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ନେଇ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ । ଏଥି ପାଇଁ ଗ୍ରାମାଚଂଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ । ତେଣୁ ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଂଚଳ ଏବଂ ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକୈନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି । ଅନ୍ୟ ପକ୍ଷରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି । ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍ ମ୍ୟାପ୍ କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆଇନ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତି ବିଶ୍ୱନାଥ ରଥ ପରିବର୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ନବରଙ୍ଗପୁର,୧୦/୫(ନି/ପ୍ର): ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା(ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ପରାମର୍ଶଦାତା ଭାବରେ ଯୋଗ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ,ପି ଏ, ଆଇ ଟି ଡି ଏ, ସି ଏସ ଓ,ଡି ଇ ଓ, ଏସ ଇ, ଆର୍ ଏଣ୍ଡ ବି, ଏ ଡି ଏମ ଓ, ଡି ଆଇ ପି ଆର୍ ଓ ବିଭିନ୍ନ ବିଭାଗୀୟ ଅଧିକାରୀ, ବି ଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ପୌରପାଳିକା, ନବରଙ୍ଗପୁର ଓ ଉମରକୋଟ ପ୍ରମୁଖ ଯୋଗ ଦେଇଥିଲେ । ବିଶେଷ କରି ଜିଲ୍ଲାରେ ସମ୍ଭାବ୍ୟ ବର୍ଷା ଦିନ ବନ୍ୟା ସମୟରେ ଏହାର ସଫଳ ମୁକାବିଲା କିପରି ଭାବରେ କରାଯାଇ ପାରିବ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଥିବା ଦୁର୍ବଳ ନଦୀ ବନ୍ଧ ଗୁଡିକ ଶ୍ରୀଘ୍ର ଚିହ୍ନଟ କରି ତାର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବିଶେଷତଃ ବନ୍ୟା ପ୍ରବଣ ଅଂଚଳ ଗୁଡିକରେ ପ୍ରର୍ଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନି,ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ ବ୍ୟତୀତ ଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବନ୍ୟା ପ୍ରଭାବିତ ଅଂଚଳ ମାନଙ୍କରେ ସମ୍ଭାବ୍ୟ ମହାମାରୀ କୁ ପ୍ରତିହିତ କରିବା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେବା ସହିତ ବନ୍ୟା ପ୍ଲାବିତ ଅଂଚଳରେ ଆବଶ୍ୟକୀୟ ଔଷଧ ତଥା ସାପ କାମୁଡ଼ା ଇଞ୍ଜେକସନ୍ ,ହେଲୋଜିନ୍ ବଟିକା, ଓ ଆର୍ ଏସ୍, ବ୍ଲିଚିଂ ଇତ୍ୟାଦି ମହଜୁଦ ରଖିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ମାନ୍ୟବର ବିଧାୟକ ନବରଙ୍ଗପୁର ଜିଲ୍ଲା ର ସମ୍ଭାବ୍ୟ ବନ୍ୟା ଅଂଚଳରେ ଏହାର ମୁକାବିଲା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କରିବା ଏବଂ ପ୍ରଭାବିତ ଲୋକଙ୍କୁ ଖାଦ୍ୟ ,ଆଶ୍ରୟ,ପାନୀୟ ଜଳ,ଔଷଧର ଶୀଘ୍ର ଯୋଗାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବିପର୍ଯ୍ୟୟ ସମୟରେ ଯେମିତି ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରି ଆଶ୍ରୟସ୍ଥଳୀ ରେ ରଖିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧା ସୁରକ୍ଷିତ ସ୍ଥାନାନ୍ତରିତ ଉପରେ ଆଲୋକପାତ କରିଥିଲେ। ବର୍ଷା ପୂର୍ବରୁ ନଦୀବନ୍ଧ ଘାଇ ମରାମତି, ସହରାଂଚଳରେ ନାଳ ସଫେଇ ଓ ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ବିଶୋଧିତ ପାନୀୟଜଳ ଯୋଗାଣ ନଳକୂପ ବିଶୋଧନ, ଦୁର୍ଗମ ଅଂଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା, ଆଶ୍ରୟ ସ୍ଥଳୀ ଚିହ୍ନଟ କରିବା ଏବଂ ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧ କୁ ହଟାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ସେହିପରି ବନ୍ୟା ବାତ୍ୟା ପରେ ପରେ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ଆଶ୍ରୟ ସାମଗ୍ରୀ ପଲିଥିନ୍ ସିଟ୍ ଯୋଗାଇବା,ସଡକ ପରିଷ୍କାର ,ଅର୍ଦ୍ଧ ଭଗ୍ନ ବିଦ୍ୟୁତ ଖୁଂଟ ଗୁଡିକର ମରାମତି ଓ ପୁନରୁଦ୍ଧାର ଯେଭଳି ବିଦ୍ୟୁତ୍ ସରବରାହ,ପାନୀୟ ଜଳ,ଟେଲିଫୋନ ବ୍ୟବସ୍ଥା ଆଦି ସମସ୍ତ ପ୍ରକାର କାର୍ଯ୍ୟ ଯୁଦ୍ଧକାଳିନ ଭିତ୍ତିରେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ସଠିକ ବୃଷ୍ଟିର ପରିମାଣ ଜିଲ୍ଲା ଜରୁରୀକାଳୀନ ଉପବିଭାଗ କୁ ପ୍ରେରଣ କରିବା ପାଇଁ ସମ୍ପୃକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଅଂଚଳରେ ଦେଶୀ ଡଙ୍ଗା ଦ୍ୱାରା ଯାତ୍ରୀ ପରିବହନ କରାଯାଉଛି ତାହାର ପଞ୍ଜୀକରଣ ଅବଧି ଦେଖିବା ଏବଂ ଅପରାହ୍ନ ସମୟରେ ଦେଶୀ ଡଙ୍ଗା ଦ୍ୱାରା ଯାତ୍ରୀ ପରିବହନ ବନ୍ଦ ରଖିବାକୁ ସଂପୃକ୍ତ ତହସିଲଦାର ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ତେନ୍ତୁଳିଖୁଣ୍ଟି ବ୍ଲକର ବର୍ଷା ଋତୁ ରେ ଯେଉଁ ଅଂଚଳ ଗମନାଗମନ ବନ୍ଦ କିମ୍ବା ଅସୁବିଧା ରହେ ସେହି ଅଂଚଳରେ ଆଗୁଆ ଖାଦ୍ୟ ମହଜୁଦ୍ କେନ୍ଦ୍ର କରିବା ପାଇଁ ସି ଏସ ଓ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏହି ଅବସରରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡା ପୁସ୍ତକ୨୦୨୫-୨୬ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ।ଜିଲ୍ଲା ଜରୁରୀ କାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ହିମାଂଶୁ ପଟ୍ଟନାୟକ ଏବଂ ଉପବିଭାଗୀୟ ଅଧିକାରୀ ତିରୁପତି ବାଲାଜୀ ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ ।ଜିଲ୍ଲା ଜରୁରୀ ଅଧିକାରୀ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଜନଗଣନାରେ ଓବିସି ପାଇଁ ସ୍ୱତନ୍ତ୍ର କଲମ ଦାବି

ଝାରସୁଗୁଡ଼ା,୧୦/୫(ନି/ପ୍ର): ଆସନ୍ତା ଜନଗଣନାରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ପାଇଁ ସ୍ୱତନ୍ତ୍ର କଲମ ସମ୍ମିଳନ ଦାବିରେ କୋଲାବିରା ବ୍ଲକରେ ଆନ୍ଦୋଳନ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷିତରେ ସୋମବାର ସକାଳ ୯ଟାରେ କୋଲାବିରା ଓବିସି ମଂଚ ପକ୍ଷରୁ ଭାରତର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି। ମଂଚର ଦାବି ଅନୁଯାୟୀ, ଦେଶର ସର୍ବବୃହତ ବର୍ଗ ଭାବେ ପରିଚିତ ଓବିସି ସମାଜ ସଠିକ ପରିସଂଖ୍ୟାନ ଅଭାବରୁ ସାମାଜିକ ଓ ଶିକ୍ଷାଗତ କ୍ଷେତ୍ରରେ ନିଜର ନ୍ୟାୟସଂଗତ ଅଧିକାରରୁ ବଂଚିତ ହେଉଛନ୍ତି। ଜନଗଣନା ପ୍ରଶ୍ନାବଳୀର ୧୨ କିମ୍ବା ୨୭ ନମ୍ବର ଖାନାରେ ଓବିସିଙ୍କ ଗଣନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ଏହାକୁ ସଂଶୋଧନ କରିବାକୁ ଦୃଢ଼ ଦାବି ଉଠିଛି। ସାମାଜିକ ନ୍ୟାୟ ଓ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ଏହି ତଥ୍ୟ ଅତ୍ୟନ୍ତ ଜରୁରୀ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ହୋଇଛି। କୋଲାବିରା ଓବିସି ମଂଚ ସଭାପତି ସିରଜୁ କୁମାର ଖମାରୀଙ୍କ ନେତୃତ୍ୱରେ ମୋଟ ୧୭୧ ଜଣ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ସ୍ମାରକପତ୍ରରେ ସ୍ୱାକ୍ଷର କରିଥିଲେ। ଯଦି ଜନଗଣନାରେ ଓବିସିଙ୍କୁ ସାଧାରଣ ବର୍ଗ ସହ ଏକାମ୍ କରାଯାଏ, ତେବେ ସରକାରୀ ସୁବିଧା ଓ ଯୋଜନାରୁ ସେମାନେ ବଂଚିତ ହେବାର ଆଶଙ୍କା ରହିଛି ବୋଲି ମଂଚ ପକ୍ଷରୁ କୁହାଯାଇଛି। ଏହି ସମୟରେ ନରୋତମ ସାହୁ, ନିମାଇଁ ନାଏକ, ଭଗବାନ ସାହୁ, ନିତ୍ୟାନନ୍ଦ ନାଏକ, ସଚିନ ସାହୁ, ବିକି ପଟେଲ ସମେତ ବହୁ ସଂଖ୍ୟକ ଓବିସି କର୍ମକର୍ତ୍ତା ଓ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଏହି ଦାବିକୁ ସକାରାତ୍ମକ ଭାବେ ବିଚାର କରିବେ ବୋଲି ଅଂଚଳବାସୀ ଆଶା ବ୍ୟକ୍ତ କରିଛନ୍ତି।

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ରେଡ଼କ୍ରସ ଦିବସ ପାଳନ

ସମ୍ବଲପୁର,୧୦/୫(ନି/ପ୍ର) :ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ର ଯୁବ ରେଡ଼କ୍ରସ ଶାଖା ଆନୁକୁଲ୍ୟ ରେ ଶୁକ୍ରବାର ବିଶ୍ୱ ରେଡ଼କ୍ରସ ଦିବସ ତଥା ରେଡ଼କ୍ରସର ପ୍ରତିଷ୍ଠାତା ହେନେରି ଡୁଣାନ୍ଟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ଓ ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଆଲୋଚକ ଭାବରେ ଯୁବ ରେଡ଼କ୍ରସର ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଯୋଗ ଦେଇ ରେଡ଼କ୍ରସ୍ ସଂସ୍ଥାର ଇତିହାସ, କ୍ରମବିକାଶ, ହେନେରି ଡୁଣାନ୍ଟ ଙ୍କ ଅବଦାନ, ଆଭିମୁଖ୍ୟ, ମାନବସେବା ରେ ଅବଦାନ, ବିପର୍ଯ୍ୟୟ ପରିଚାଳନା, ଯୁଦ୍ଧ ସମୟ ରେ ସେବା, ରକ୍ତଦାନ ଓ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋକପାତ କରିବା ସହିତ ବର୍ଷର ରେଡ଼କ୍ରସର ବାର୍ତ୍ତା 'ମାନବତା ପାଇଁ ଏକତାବଦ୍ଧ' ବିଷୟ ରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ସଙ୍ଗିତା ସେଠ, ଗ୍ରନ୍ଥାଗାରିକ ବିଭୁତି ଭୁଷଣ ସାହୁ ଓ ଶିକ୍ଷା ବିଭାଗର ଶୈକ୍ଷିକ ସହାୟକ ସୁଦାମ ଚରଣ ସାହୁ ରେଡ଼କ୍ରସ ର ବିଭିନ୍ନ କାର୍ଯ୍ୟକ୍ରମ ଓ ଉପକାରିତା ବିଷୟ ରେ ବିଶ୍ଳେଷଣ କରିଥିଲେ । +୩ ୨ୟ ବର୍ଷ ର ଛାତ୍ର ଉମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର ରେ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ବୃନ୍ଦଚିତ୍ର ପ୍ରଦର୍ଶିତ ହୋଇଥିଲା ।

ଜନ ଗଣନାରେ ପଛୁଆ ବର୍ଗଙ୍କୁ ସାମିଲ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ
ଜାତିଗତ ଜନଗଣନା ନିଶ୍ଚିତ କରାଯିବ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୧୦/୫(ନି/ପ୍ର): ଚଳିତ ଜାତିଗତ ଜନ ଗଣନାର କେନ୍ଦ୍ର ସରକାରଙ୍କ ୧୨ ନମ୍ବର କଲମ ଏବଂ ରାଜ୍ୟ ସରକାରଙ୍କ ୧୩ ନମ୍ବର କଲମରେ ପଛୁଆ ବର୍ଗ (ଓବିସି)ଙ୍କୁ ସାମିଲ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ରାଜ୍ୟ ଓବିସି ମଚଂ ପକ୍ଷରୁ ଶନିବାର ଦାବି ପତ୍ର ପ୍ରଦାନ କରାଯାଇଥିଲା ଓ ସ୍ଥାନୀୟ ସର୍କିଟ ହାଉସ ରେ ଓବିସି ମଚଂର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ର ଙ୍କ ନେତୃତ୍ୱ ରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଙ୍କୁ ଏହି ଦାବି ପତ୍ର ପ୍ରଦାନ କରାଯାଇଥିଲା ଓ ପ୍ରାୟ ୧୪ ବର୍ଷ ର ବ୍ୟବଧାନ ପରେ ଜନ ଗଣନା ଏବଂ ଦୀର୍ଘ ୯୪ ବର୍ଷ ପରେ ସମଗ୍ର ଭାରତରେ ଜାତିଗତ ଜନଗଣନା କରାଯାଉଛି ଓ ଜାତିଗତ ଜନଗଣନା କରାଯିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଅଟେ ଓ ଜନଗଣନାରେ ମୁଖ୍ୟତଃ ଦେଶର ଜନସଂଖ୍ୟା, ସାମାଜିକ, ଆର୍ଥିକ, ଶିକ୍ଷା, ଜାତି, ବୃତି ଏବଂ ରହଣି ଆଦି ସ୍ଥିତି ଜାଣିବା ପରେ ଜନସଂଖ୍ୟା ଅନୁପାତରେ ବିଭିନ୍ନ କ୍ଷେତ୍ର ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ ଓ ଏହି ତଥ୍ୟ ଆଧାରରେ ହିଁ ସରକାର ସଠିକ୍ ନିଷ୍ପତ୍ତି ନେଇଥାନ୍ତି ଓ ଏହା କେବଳ ଲୋକଙ୍କ ସଂଖ୍ୟା ଗଣିବା ପାଇଁ ନୁହେଁ, ବରଂ ଦେଶର ସାମଗ୍ରିକ ବିକାଶର ଏକ ମୂଳଦୁଆ ଅଟେ ଓ ଭାରତୀୟ ସମ୍ବିଧାନର ଧାରା ୩୪୧ ହିସାବରେ ଏସସି, ୩୪୨ ହିସାବରେ ଏସଟି ଜାତି ମାନଙ୍କୁ ଚିହ୍ନଟ କରାଯାଇଛି ଓ ଠିକ୍ ସେହିପରି ସମ୍ବିଧାନର ଧାରା ୩୪୦ ଅନୁସାରେ ଓବିସି ବର୍ଗର ଜାତି ମାନଙ୍କୁ ଚିହ୍ନଟ କରାଯାଇଛି । ସେହି ହିସାବରେ ଓଡିଶାରେ ୨୦୦ଟି ଓବିସି ଜାତି ରହିଛନ୍ତି ଓ ସେମାନଙ୍କୁ ଧାରା ୧୫(୪) ଅନୁସାରେ ଶିକ୍ଷାରେ, ଧାରା ୧୬(୪) ଅନୁସାରେ ସରକାରୀ ଚାକିରୀରେ, ଧାରା ୨୪୩ (ଡି୬) ଅନୁସାରେ ପଚାଂୟତିରାଜରେ, ଧାରା ୨୪୩ (ସି୬) ଅନୁସାରେ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦରେ ସଂରକ୍ଷଣ ପାଇବାର ବ୍ୟବସ୍ଥା ରହିଛି ଓ ତିନୋଟି ଯାକ ପଛୁଆ ବର୍ଗ କମିଶନ - କାକା କାଲେଲକର (୧୯୫୩-୫୫), ମଣ୍ଡଳ କମିଶନ (୧୯୬୯-୮୦), ରୋହିଣୀ କମିଶନ (୨୦୧୮-୨୩) ଓବିସି ଜାତି ଜନଗଣନା କରିବାକୁ ସୁପାରିଶ କରିଛନ୍ତି । ତଥ୍ୟ ବିନା ତାଙ୍କ ବିକାଶ ପାଇଁ ଯୋଜନା ଅର୍ଥ-ବରାଦ ବି ପ୍ରସ୍ତୁତ କରାଯାଇ ପାରିବ ନାହିଁ । ଏଣୁ ଓବିସି ଜାତି ଜନଗଣନା ଓବିସିଙ୍କ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ ଅଟେ । ତେବେ ସମଗ୍ର ଭାରତ ରେ ବସବାସ କରୁଥିବା ପ୍ରାୟ ୭୫ କୋଟି ରୁ ଉର୍ଦ୍ଧ ପଛୁଆ ବର୍ଗଙ୍କ ଗଣନା କରା ନ ଯିବା ଅତ୍ୟନ୍ତ ପରିତାପର ବିଷୟ ଅଟେ ବୋଲି ପ୍ରଦନ୍ନ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଓ ପଛୁଆ ବର୍ଗ (ଓବିସି)ଙ୍କୁ ଅଣଦେଖା କରାଯାଇ ବିକଶିତ ଭାରତର ପରିକଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ ଓ ଚଳିତ ଜାତିଗତ ଜନ ଗଣନାର ପଚାରା ଯାଉଥିବା ପ୍ରଶ୍ନ ରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଯୋଡ଼ା ନ ଯିବା ଦ୍ୱାରା ଏହି ଜନଗଣନାର ମୂଳ ଲକ୍ଷ୍ୟ ଏବଂ ଗତ ତା. ୩୦.୦୪.୨୦୨୫ ମଃ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟିରେ ଆଗାମୀ ଜନଗଣନାରେ ଜାତିଗଣନାକୁ ଅନ୍ତର୍ଭୁକ୍ତ କରିବାକୁ ନେଇ ହୋଇଥିବା ନିଷ୍ପତ୍ତିର ବିରୁଦ୍ଧଚରଣ କରୁଅଛି ଓ ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ବସବାସ କରୁଥିବା ସାଢ଼େ ୪ କୋଟି ଓଡ଼ିଆଙ୍କ ମଧ୍ୟରୁ ପ୍ରାୟ ୫୨ ପ୍ରତିଶତ ଅର୍ଥାତ ୨ କୋଟି ୩୦ ଲକ୍ଷରୁ ଉର୍ଦ୍ଧ ପଛୁଆ ବର୍ଗ (ଓବିସି) ଚଳିତ ଜନଗଣନାରେ ସାମିଲ ନ ହେବା ପାଇଁ ରାଜ୍ୟବ୍ୟାପୀ ସଚେତନତା କରି ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ରାଜ୍ୟ ଓବିସି ମଚଂ, ଓଡିଶା ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି ଓ ତେବେ ଦାବି ପତ୍ର ଗ୍ରହଣ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତିଗତ ଜନଗଣନା ନିଶ୍ଚିତ କରାଯିବ ବୋଲି ପ୍ରକାଶ କରିଥିଲେ ଓ ଆଜିକାର ଏହି ଦାବି ପତ୍ର ପ୍ରଦାନ ସମୟରେ ରାଜ୍ୟ ଓବିସି ମଚଂ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଉପ ସଭାପତି ନାରେନ ସାହୁ, ରାଜ୍ୟ ପ୍ରବକ୍ତା ବିରଚିଂ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପୀନାଥ ବେହେରା, ବଂଶୀଧର ମେହେର, ଦିବାକର ସାହୁ, ଜିତେନ୍ଦ୍ର କୁମାର ପ୍ରଧାନ, ସୀମାଂଚଳ ଖଟେଇ, ସମ୍ବଲପୁର ଜିଲ୍ଲା ଆବାହକ ସରୋଜ ସାହୁ, ଶୁଭେନ୍ଦୁ କୁମାର ସାହୁ, କୃପାସିନ୍ଧୁ ଖମାରି, ଡ଼. ଉନ୍ନମ ପ୍ରଧାନ, ଲକ୍ଷ୍ମୀ ନାରାୟଣ ପ୍ରଧାନ, ଡ଼. ସୁଷମା ସାହୁ, ସସ୍ମିତା ଦେହୁରୀ, ରାଜ କୁମାର ସାହୁ, ନୃପମଣି ପଟେଲ, ଟଙ୍କଧର ମାଝୀ, ଲକ୍ଷ୍ମୀ ନାରାୟଣ ପଟେଲ, ସୁଧାଂଶୁ ଶେଖର ମହାରଣା, ଜଟା ଭୂଷଣ ସାହୁ, ସପ୍ତସିନ୍ଧୁ ବଗର୍ତ୍ତୀ, ବଂଶୀଧର ମେହେର, ବିଭୀଷଣ ରାଉତ, ରାଜିନ୍ଦ୍ର ସାହୁ, ବସନ୍ତ ସ୍ୱାଇଁ, ଭବାନୀ ଶଙ୍କର ପ୍ରଧାନ, ପ୍ରହଲ୍ଲାଦ ସାହୁ, ସୁଭାଷ ଚନ୍ଦ୍ର ବେହେରା, ନରେଶ ଚନ୍ଦ୍ର ବଗର୍ତ୍ତୀ ତଥା ସମ୍ବଲପୁର, ବରଗଡ, ଝାରସୁଗୁଡା, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ଦେବଗଡ଼ ଆଦି ଜିଲ୍ଲା ର ଶତାଧିକ ଓବିସି କର୍ମୀ ଉପସ୍ଥିତ ଥିଲେ ।

ଜିତୁ ମୁଣ୍ଡା ଭଳି ଘଟଣା ବଲାଙ୍ଗିରରେ
ସ୍ତ୍ରୀର ମୃତ୍ୟୁ ପରେ ଟଙ୍କା ଉଠାଇ ପାରୁ ନାହାନ୍ତି ସ୍ୱାମୀ

ବଲାଙ୍ଗିର,୧୦/୫(ନି/ପ୍ର): କେନ୍ଦୁଝର ଜିଲାର ଜିତୁ ମୁଣ୍ଡା ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ ନିଜ ମୃତା ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଯାଇଥିଲେ । ଘଟଣା ଲୋକଲୋଚନକୁ ଆସିବା ପରେ ଜିତୁ ମୁଣ୍ଡା ଟଙ୍କା ପାଇଥିଲେ । କିନ୍ତୁ ଏବେ ମଧ୍ୟ ଜିତୁ ମୁଣ୍ଡାଙ୍କ ଭଳି ଅନେକ ଲୋକ ଟଙ୍କା ଉଠାଣ କରିବା ପାଇଁ ନାନା ହଇରାଣ ହରକତ ହେଉଛନ୍ତି । ଏହିପରି ଏକ ଉଦାହରଣ ବଲାଙ୍ଗୀର ଜିଲାରେ ଏବେ ଦେଖାଯାଇଛି । ଜିଲାର ଦାଦନ ପ୍ରବଣ ଖପ୍ରାଖୋଲ ବ୍ଲକ ବେନ୍ଦେର ପଂଚାୟତ ସଦର ବେନ୍ଦେର ଗ୍ରାମରୁ ଏପରି ସାଂଘାତିକ ଅଭିଯୋଗ ଆସିଛି । ଗ୍ରାମରେ ବସବାସ କରୁଥିବା ଶ୍ୟାମ ଭଇଁସାଲଙ୍କ ସ୍ତ୍ରୀ ଡାଳିମ୍ୱ ଭଇଁସାଲ ଗତ ୯ ମାସ ପୂର୍ବେ ମୃତ୍ୟୁବରଣ କଲେ । ସେହିପରି ୨ ବର୍ଷ ପୂର୍ବେ ଗୋବର୍ଦ୍ଧନ ଶାଣ୍ଢଙ୍କ ମା ସମାରି ଶାଣ୍ଢଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା । ଉଭୟ ମୃତାଙ୍କ ନାମରେ ଲାଠୋର ସେଂଟ୍ରାଲ ବ୍ୟାଙ୍କରେ ରହିଥିବା ଆକାଉଟଂରେ ଟଙ୍କା ଜମା ରହିଥିଲା । ଉକ୍ତ ଟଙ୍କା ଉଠାଣ ପାଇଁ ଶ୍ୟାମ ଏବଂ ଗୋବର୍ଦ୍ଧନ ବ୍ୟାଙ୍କରେ ଆବଶ୍ୟକ କାଗଜ ପତ୍ର ଦାଖଲ କରି ବାରମ୍ବାର ଦୌଡିଥିଲେ ମଧ୍ୟ ତାଙ୍କୁ ବିଭିନ୍ନ ଆଳ ଦେଖାଇ ଟଙ୍କା ଦିଆଯାଉ ନଥିଲା । ଗଣମାଧ୍ୟମକୁ ଖବର ଆସିବାରୁ ବ୍ୟାଙ୍କ ଏହି ନିକଟରେ ମୃତା ଡାଳିମ୍ୱଙ୍କ ୨୧ ହଜାର ଟଙ୍କା ତାଙ୍କ ସ୍ୱାମୀ ଶ୍ୟାମଙ୍କ ଆକାଉଟଂକୁ ଟ୍ରାନ୍ସଫର କରିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ସମାରିଙ୍କ ଆକାଉଂଟରେ ଥିବା ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଉ ନାହିଁ । ପୁଅ ଗୋବର୍ଦ୍ଧନ ବ୍ୟାଙ୍କକୁ ଦୌଡି ନୟାନ୍ତ ହେଲା ପରେ ଏବେ ପ୍ରାୟ ୩ ମାସ ହେବ ସେ ବ୍ୟାଙ୍କକୁ ଆଉ ଯାଉ ନଥିବା ପ୍ରକାଶ କରିଛନ୍ତି । ଏନେଇ ଲାଠୋର ସେଂଟ୍ରାଲ ବ୍ୟାଙ୍କ ଶାଖା ପରିଚାଳକ ଦେବଦତ ମିଶ୍ରଙ୍କୁ ପଚାରିବାରେ ମୁଁ ନୂଆ ହୋଇ ଯୋଗ ଦେଇଛି । ଘଟଣା ବିଷୟରେ ଜାଣି ନାହିଁ । ନୋମିନି ଆକାଉଂଟ ନଂ ଧରି ଶାଖାକୁ ଆସିଲେ ଆମେ ଟଙ୍କା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଥିଲେ ।

ଜିଏମ୍‌ଙ୍କ ଦ୍ୱାରା ରେଲ ନିରାପତା, ଯାତ୍ରୀ ସୁବିଧା ଏବଂ ଭିତିଭୂମି ବିକାଶର ସମୀକ୍ଷା

ସମ୍ବଲପୁର, ୧୦/୫(ନି/ପ୍ର): ପୂର୍ବତଟ ରେଳପଥ ଜିଏମ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର - ଝାରସୁଗୁଡ଼ା ରୋଡ ରେଳ ସେକ୍ସନକୁ ବିସ୍ତୃତ ନିରୀକ୍ଷଣ କରି ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ନୀରିକ୍ଷଣ ସମୟରେ ସେ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଉପରେ ଯୋର ଦେଇଛନ୍ତି । ଏଥିମଧ୍ୟରେ ପାର୍କି କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ । ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧିକରାଇବା ପାଇଁ ଲକ୍ଷ୍ୟ ରଖିଛି । ମହାପ୍ରବନ୍ଧକଙ୍କ ନୀରିକ୍ଷଣ ସମୟରେ ସମ୍ବଲପୁର ଡ଼ିଆରଏମ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗୀତା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୧୦/୫(ନି/ପ୍ର): କ୍ରୀଡ଼ା ଓ ଯୁବସେବା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କେନ୍ଦ୍ରାପଡ଼ାରେ ଆୟୋଜିତ ୧୪ ବର୍ଷରୁ କମ୍ ବାଳକ/ବାଳିକା ବିଭାଗର ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗୀତା ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି । ଗତ ୨୪ ଏପ୍ରିଲ୍‌ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗୀତା ଫାଇନାଲ୍ ମ୍ୟାଚ୍ ଗତକାଲି ଅନୁଷ୍ଠିତ ହୋଇଥିଲା । ବାଳକ ବିଭାଗରେ ପଙ୍ଗାମୁଣ୍ଡାଇ ଦଳ ପେନାଲଟି ସୁଟ୍ ଆଉଟ୍‌ରେ ୪ ୨ ଗୋଲ୍‌ରେ ନେତାଜୀ କ୍ଲବ ରାଜକନିକାକୁ ପରାସ୍ତ କରି ବିଜେତା ହୋଇଥିବାବେଳେ ବାଳିକା ବିଭାଗରେ ଆଳି ହାଇସ୍କୁଲ୍‌ର ଦଳ ୨-୦ ଗୋଲ୍‌ରେ ଆଳି ଏକାଡେମୀକୁ ପରାସ୍ତ କରି ଟ୍ରଫି ହାସଲ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍. ଆର୍.ଆୟାର୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କ୍ରୀଡ଼ା ସଂସଦ ସମ୍ପାଦକ ସୟଦ୍ ଅକମଲ୍ ଅଲ୍ଲୀ, ଜ୍ୟୋତିର୍ମୟୀ ଦାସ, ଆଶ୍ରମ ସ୍କୁଲର ଅଧକ୍ଷ ଡକ୍ଟର ମଳୟ ନନ୍ଦ ଗିରିଙ୍କ ସମେତ ଯୁଧିଷ୍ଠିର ଲେଙ୍କା, ଦେବେନ୍ଦ୍ର ସାହୁ, ଆଦିତ୍ୟନନ୍ଦ ଗିରି, ଅମ୍ବିକା

ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଭଦ୍ରକ, ୧୦/୫(ନି/ପ୍ର): ଏହି ବ୍ଲକ ଟିଲୋ ଗାୟତ୍ରୀ ପରିବାର ପକ୍ଷରୁ ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଳିତ ହୋଇଛି । ପ୍ରାରମ୍ଭରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶଶି ଶେଖର କରଶର୍ମା ଧର୍ମ ଧ୍ୱଜା ଉତୋଳନ କରିଥିଲେ । ମହିଳା ମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞ ବେଦୀରେ ସ୍ଥାପନ କରାଯାଇଥିଲା । ଯଜ୍ଞ ଓ ସଂସ୍କାର, ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ ।

ପରିବହନ ଯୁଗ୍ମ ସମନ୍ୱୟ କମିଟି ପକ୍ଷରୁ ସାଂସଦ ଦିଲ୍ଲୀପ ରାୟଙ୍କୁ ଭେଟିବା ସହିତ ସମସ୍ୟା ନେଇ ଆଲୋଚନା

ରାଉରକେଲା,୧୦/୫(ନି/ପ୍ର): ବେଦବ୍ୟାସ ଟ୍ରକ୍ ମାଲିକ ସଂଘ, ରାଉରକେଲା ଟ୍ରକ୍ ମାଲିକ ସଂଘ, ରାଉରକେଲା ଟ୍ରେଲର ମାଲିକ ସଂଘ ସମେତ ରାଉରକେଲା ଖଣି କ୍ଷେତ୍ର ଟ୍ରକ୍ ଓ ଟିପର୍ ମାଲିକ ସଂଘ ଯୁଗ୍ମ ସମନ୍ୱୟ କମିଟି ପକ୍ଷରୁ ରାଜ୍ୟସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ସାକ୍ଷାତ କରି ରାଜ୍ୟସଭା ନିର୍ବାଚନରେ ତାଙ୍କର ବିଜୟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ବେଦବ୍ୟାସ ଟ୍ରକ୍ ଓନର୍ସ ଆସୋସିଏସନ ସହ ଜଡିତ ରାଉରକେଲା ଟ୍ରକ୍ ଓନର୍ସ ଆସୋସିଏସନ, ଟ୍ରକ୍ ଓନର୍ସ ଆସୋସିଏସନ ରାଉରକେଲା, ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଏଣ୍ଡ ଟିପର ଓନର୍ସ ଆସୋସିଏସନ ସମନ୍ୱୟ କମିଟି ପକ୍ଷରୁ ଏକ ପରିବହନ ସଂଘ କାର୍ଯ୍ୟାଳୟ ଯୋଗାଇ ଦେବା ପାଇଁ ଅନୁରୋଧ କରିବା ସହ ରାଉରକେଲା ଇସ୍ପାତ କାରଖାନା ବାହ୍ୟ ପରିବହନରେ ସ୍ଥାନୀୟ ପରିବହନକାରୀଙ୍କୁ ଅଗ୍ରାଧିକାର ଏବଂ ରାଉରକେଲାରେ ଏକ ଟ୍ରକ୍ ଟର୍ମିନାଲ ବା ପରିବହନ ନଗରର ନିର୍ମାଣ ପାଇଁ ଆଲୋଚନା କରିବା ସହ ପରିବହନ ସମନ୍ୱୟ କମିଟି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପରିବହନ କ୍ଷେତ୍ର ବହୁ ଦଶନ୍ଧି ଧରି ରାଉରକେଲା ଏବଂ ଆଖପାଖ ଅଂଚଳର ଶିଳ୍ପ ଏବଂ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ପରିବହନ ସଂଘ କଚାଂମାଲ, ପ୍ରସ୍ତୁତ ସାମଗ୍ରୀ, ଶିଳ୍ପ କାର୍ଗୋ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ପରିବହନକୁ ନିରନ୍ତର ଭାବେ ଯୋଗାଇ ଆସୁଛି। ଯାହାଦ୍ୱାରା ପରିବହନ ସଂଘ ଦ୍ୱାରା ରାଉରକେଲା ଇସ୍ପାତ କାରଖାନା ଏବଂ ସହଯୋଗୀ ଶିଳ୍ପ କ୍ଷେତ୍ରଗୁଡ଼ିକର କାର୍ଯ୍ୟକାରିତାରେ ପରିବହନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହି ପରିପ୍ରେକ୍ଷୀରେ ପରିବହନ ସମନ୍ୱୟ ସମିତି ପକ୍ଷରୁ ,ପରିବହନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ରାଉରକେଲା ପରିବହନ ସଂଘ ପାଇଁ କାର୍ଯ୍ୟାଳୟ ସ୍ଥାନ ଯୋଗାଇ ଦେବା ପାଇଁ ସାଂସଦ ଶ୍ରୀ ରାୟଙ୍କୁ ଅନୁରୋଧ କରାଯାଇଛି। ଏଥିସହିତ ପରିବହନ ସମନ୍ୱୟ କମିଟି ସହ ଜଡିତ ସମସ୍ତ ସଂଘଗୁଡ଼ିକ ଅଂଚଳର ସର୍ବପୁରାତନ ଏବଂ ସକ୍ରିୟ ପରିବହନ ସଂସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ। ଦୀର୍ଘକାଳୀନ ସେବା ଏବଂ ଅବଦାନ ସତ୍ତ୍ୱେ, ସମସ୍ତ ସଂଘ ବର୍ତ୍ତମାନ ଭଡା ଘରରୁ କାର୍ଯ୍ୟ କରୁଛନ୍ତି। ରାଉରକେଲାରେ ଏକ ଉପଯୁକ୍ତ ସ୍ଥାନରେ ପ୍ରତ୍ୟେକ ସଂଘ ପାଇଁ ପ୍ରାୟ ୧୦୦୦ ବର୍ଗଫୁଟ କାର୍ଯ୍ୟାଳୟ ସ୍ଥାନ ଆବଟଂନ କରିବାକୁ ପରିବହନ ସଂଘ ଆପଣଙ୍କ ସାଂସଦ ଶ୍ରୀ ରାୟଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରିଥିଲେ। ଏହା ଦ୍ୱାରା ପରିବହନ ସଂଘଗୁଡ଼ିକ ଭଲ ଭାବରେ କାର୍ଯ୍ୟ କରିପାରିବେ ଏବଂ ପରିବହନ କାର୍ଯ୍ୟ ପାଇଁ ଉନ୍ନତ ସହାୟତା ଏବଂ ସମନ୍ୱୟ ପ୍ରଦାନ କରିପାରିବେ। ପରିବହନ ସମନ୍ୱୟ କମିଟି ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାର ବାହ୍ୟ ପରିବହନ ପାଇଁ ସ୍ଥାନୀୟ ପରିବହନକାରୀଙ୍କୁ ପସନ୍ଦ ନକରି ଅନ୍ୟାନ୍ୟ ଜିଲ୍ଲା ଏବଂ ବାହାର ରାଜ୍ୟର ପରିବହନକାରୀଙ୍କୁ ଠିକା ଦେଉଛନ୍ତି। ରାଉରକେଲାର ଆଖପାଖ ଜିଲ୍ଲାଗୁଡ଼ିକରେ ଟ୍ରକ୍, ଟ୍ରେଲର, ଲୋକଶକ୍ତି ଏବଂ ଭିତ୍ତିଭୂମିର ଯଥେଷ୍ଟ ନିବେଶ ସହିତ ଅଭିଜ୍ଞ ସ୍ଥାନୀୟ ପରିବହନକାରୀଙ୍କ ଏକ ଦୃଢ଼ ଆଧାର ରହିଥିବା ସତ୍ତ୍ୱେ, ସ୍ଥାନୀୟ ପରିବହନ ପରିଚାଳକମାନେ ପ୍ରାୟତଃ ରାଉରକେଲା ଇସ୍ପାତ କାରଖାନାର ବାହ୍ୟ ପରିବହନ କାର୍ଯ୍ୟକଳାପରେ ପର୍ଯ୍ୟାପ୍ତ ଅଂଶଗ୍ରହଣରୁ ବଚିଂତ ହେଉଛନ୍ତି।ଆରଏସପିରୁ ବାହାରକୁ ଯାଉଥିବା ସମସ୍ତ ସାମଗ୍ରୀ ସ୍ଥାନୀୟ ପରିବହନକାରୀ ଏବଂ ସଂଘ ମାଧ୍ୟମରେ ପରିବହନ କରିବା ନିଶ୍ଚିତ କରିବା ପାଇଁ ସମନ୍ୱୟ ସମିତି ପକ୍ଷରୁ ସାଂସଦ ଦିଲ୍ଲୀପ ରାୟଙ୍କୁ ହସ୍ତକ୍ଷେପ କରିବା ଅନୁରୋଧ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗରେ ନିଯୁକ୍ତି ସୃଷ୍ଟି ହେବା ସହିତ ଆଂଚଳିକ ଆର୍ଥିକ ଅଭିବୃଦ୍ଧି ହେବ ବୋଲି କୁହାଯାଇଛି। ଦୀର୍ଘଦିନ ଧରି ରାଉରକେଲାକୁ ଏକ ଟ୍ରକ୍ ଟର୍ମିନାଲ ବା ପରିବହନ ନଗର ଯୋଗାଇ ଦେବାକୁ ଯୋଜନା କରାଯାଇଥିଲେ ମଧ୍ୟ, ତହା ହୋଇପାରୁନାହିଁ। ବର୍ତ୍ତମାନ ରାଉରକେଲା ଟ୍ରକ୍ ଏବଂ ଟ୍ରେଲର ପାଇଁ ନିର୍ଦ୍ଦିଷ୍ଟ ପାର୍କିଂ ଏବଂ କାର୍ଯ୍ୟକ୍ଷମ କ୍ଷେତ୍ରର ଘୋର ଅଭାବର ସମ୍ମୁଖୀନ ହେବାକୁ ପଡୁଛି। ଉପଯୁକ୍ତ ଟ୍ରକ୍ ଟର୍ମିନାଲ କିମ୍ବା ପରିବହନ ନଗର ସୁବିଧାର ଅଭାବ ଯୋଗୁଁ, ପରିବହନ ଯାନଗୁଡ଼ିକ ରାସ୍ତା କଡ଼ ଏବଂ ଭିଡ଼ ଅଂଚଳରେ ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଟ୍ରାଫିକ ସମସ୍ୟା, କାର୍ଯ୍ୟକ୍ଷମ ଅସୁବିଧା ଏବଂ ସୁରକ୍ଷା ଚିନ୍ତା ରାଉରକେଲା ସହରରେ ସୃଷ୍ଟି ହେଉଛି। ସମସ୍ତ ଦୃଷ୍ଟିରୁ ରାଉରକେଲାର ସମସ୍ତ ପ୍ରମୁଖ ପ୍ରବେଶ ସ୍ଥାନରେ ଟ୍ରକ୍ ଟର୍ମିନାଲ ବା ପରିବହନ ନଗର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟଙ୍କୁ ଅନୁରୋଧ କରାଯାଇଛି। ରାଉରକେଲା ସହର ପାଇଁ ବ୍ୟବସ୍ଥିତ ପାର୍କିଂ, ଡ୍ରାଇଭର ସୁବିଧା, ଲଜିଷ୍ଟିକ୍ସ ପରିଚାଳନା ଏବଂ ସୁଗମ ଶିଳ୍ପ ପରିବହନ ପାଇଁ ଭିତ୍ତିଭୂମି ତୁରନ୍ତ ଆବଶ୍ୟକ ବୋଲି ପରିବହନ ସମନ୍ୱୟ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ପରିବହନ ସମନ୍ୱୟ କମିଟି ପକ୍ଷରୁ ରାଜ୍ୟସଭା ସାଂସଦ ଦିଲ୍ଲୀପରାୟଙ୍କୁ ସାକ୍ଷାତ ଓ ସ୍ମାରକପତ୍ର ପ୍ରଦାନ ସମୟରେ ବେଦବ୍ୟାସ ଟ୍ରକ୍ ଓନର୍ସ ଆସୋସିଏସନର ସଭାପତି ବିଜୟ ପ୍ରଧାନ, ସାଧାରଣ ସମ୍ପାଦକ ବିଶ୍ୱରଜନ ବେଉରା, ଟ୍ରକ ଓନର୍ସ ଆସୋସିଏସନ ରାଉରକେଲାର ଜଗଦୀଶ ଜୈସ୍ୱାଲ, ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଏଣ୍ଡ ଟିପର ଓନର୍ସ ଆସୋସିଏସନର ଦିଲୀପ ମହାନ୍ତି, ସୁମନ କୁମାର, ଶିବା ବିସୋଇ, ରାଉରକେଲା ଟ୍ରେଲର ଆସୋସିଏସନର ଗୁରୁନ୍ଦର ସିଂହ, ବିଶ୍ୱ ଦେ, ରଣଜିତ୍ ସାହୁଙ୍କ ସମେତ ରାଜଗାଙ୍ଗପୁର ଟ୍ରକ ଓନର୍ସ ଆସୋସିଏସନର ସଭାପତି ରାକେଶ ନନ୍ଦ, ସାଧାରଣ ସମ୍ପାଦକ ମନୋଜ ବାଙ୍କା, ଧର୍ମେନ୍ଦ୍ର ଦୁବେ, ଅନୁପ କୁମାର, ସଞ୍ଜୀବ ସିହ୍ନା, ଦେବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ରବୀନ୍ଦ୍ର ନାଥ ଟେଗୋରଙ୍କ ୧୬୫ତମ ଜନ୍ମ ବାର୍ଷିକୀ ଜାତୀୟସ୍ତରୀୟ ସଙ୍ଗୀତ ସମାରୋହ

ରାଉରକେଲା,୧୦/୫(ନି/ପ୍ର): ରବିନ୍ଦ୍ର ନାଥ ଟେଗୋରଙ୍କ ୧୬୫ତମ ଉପଲକ୍ଷେ ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପ୍ରେକ୍ଷାଳୟରେ ରବିବାର ହେବାକୁ ଥିବା ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୫ତମ ଜନ୍ମବାର୍ଷିକୀ ଜାତୀୟ ସ୍ତରରେ ଦେଶର ୧୧ଟି ସହରରେ ଆୟୋଜିତ ହେବ। ରାଉରକେଲା ଗୀତିମାଲ୍ୟ ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ବର୍ଷ ଚିରନୂତନ ଶୀର୍ଷକ ରବୀନ୍ଦ୍ର ନାଥ ଟେଗୋରଙ୍କ ସ୍ମରଣରେ ଏହି ଜାତୀୟ ସ୍ତରୀୟ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହେବ। କାର୍ଯ୍ୟକ୍ରମର ମୁଖ୍ୟ ବିଶେଷତ୍ୱ ହେଉଛି ଏକା ସାଙ୍ଗରେ ୧୧ଟି ସହରରେ ରବୀନ୍ଦ୍ର ନାଥ ଟେଗୋରଙ୍କ ରଚିତ ୧୭ଟି ଗୀତ ସନ୍ଧ୍ୟା ୬ଟାରୁ ଆରମ୍ଭ ହେବ। ଏଥିସହିତ ପ୍ରତ୍ୟେକ ସ୍ଥାନରେ ୧୦୦ ଜଣ ପ୍ରତିଯୋଗୀ ସାମିଲ ହୋଇ ଏକା ସହିତ ସଙ୍ଗୀତ ପରିବେଷଣ କରିବେ। ଯାହା ଶତକଣ୍ଠ ସହସ୍ର କଣ୍ଠ ଭାବେ ଏକ ସଙ୍ଗରେ ୧୧ଟି ସହରର ୧୧ଶହ ପ୍ରତିଭାଗୀ ସଙ୍ଗୀତ ଗାନ କରିବେ। ଆୟୋଜିତ ହେବାକୁ ଥିବା ୧୧ଟି ସହର ହେଲା ନୂଆଦିଲ୍ଲୀ, ନାଭି ମୁମ୍ବାଇ, ବାଙ୍ଗଲୋର, ଚେନ୍ନାଇ, ହାଇଦ୍ରାବାଦ, ରାଉରକେଲା, ଭୋପାଳ, ଭିଲାଇ, ଜାମସେଦପୁର, ସିଲଚର ଏବଂ କଲିକତା ସହର। ଏହି କାର୍ଯ୍ୟକ୍ରମ ୧ ଘଟାଂ ୧୭ ମିନିଟ ୭ ସେକେଣ୍ଡ ମଧ୍ୟରେ ରହିବ। ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ନୋବେଲ ପୁରସ୍କାର ବିଜେତା ଗୁରୁ ରବୀନ୍ଦ୍ର ନାଥ ଟେଗୋରଙ୍କ ଚିର ସ୍ମରଣୀୟ ସଙ୍ଗୀତକୁ ଘରେ ଘରେ ପହଚାଂଇବା ସହିତ ଦେଶବ୍ୟାପୀ ରହୁଥିବା ପ୍ରବାସୀ ବଙ୍ଗାଳୀମାନଙ୍କୁ ଏ ସମାରୋହ ମାଧ୍ୟମରେ ରବୀନ୍ଦ୍ର ସଙ୍ଗୀତକୁ ପୁନର୍ଜୀବିତ କରିବା ପାଇଁ ଆୟୋଜନ କରାଯାଉଛି। ଏହି ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଆଜି ସନ୍ଧ୍ୟାରେ ଭଞ୍ଜ ପ୍ରେକ୍ଷାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଗୀତିମାଲ୍ୟାର ପ୍ରତିଷ୍ଠାତା ସୁସ୍ମିତା ନସ୍କରଙ୍କ ସହିତ କୋଏନା ଦସ୍ତିଦାର, କୋୟଲ ସାହା, ରାଖି ନନ୍ଦୀ ସେନ, ଶର୍ମିଷ୍ଠା ବାନାର୍ଜୀ, ବାସୁବି ବାନାର୍ଜୀ, ରିମି ଚକ୍ରବର୍ତ୍ତୀ ଏବଂ ପ୍ରଣୟ ଘୋଷ ସମ୍ମିଳିତ ରହି ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଥିଲେ।

ସିଟୁର ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତିଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି:

ରାଉରକେଲା,୧୦/୫(ନି/ପ୍ର): ରାଉରକେଲାରେ ଶ୍ରମିକ ଆନ୍ଦୋଳନକୁ ଏକ ନୂତନ ଦିଗ ଦେଇଥିବା ସିଟୁର ରାଷ୍ଟ୍ରୀୟ ଉପାଧକ୍ଷ ୭୪ ବର୍ଷୀୟ ବିଷ୍ଣୁ ମହାନ୍ତିଙ୍କର ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ନିଧନ ହୋଇଯାଇଛି। ସେ ମଧୁମେହ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ପାର୍ଥିବ ଶରୀର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରୁ ବାହାରି କୋଇଡ଼ା, କାଲଟା, ରକ୍ସି, ରାଜାମୁଣ୍ଡା ଛକ ଦେଇ ରାତିରେ ତାଙ୍କର ଛେଣ୍ଡ ସ୍ଥିତ ବାସଭବନରେ ପହଚିଂଥିଲା। ରବିବାର ସକାଳେ ପାର୍ଥିବ ଶରୀରକୁ ଛେଣ୍ଡ ବାସଭବନରୁ ଏକ ଶୋଭାଯାତ୍ରା ମାଧ୍ୟମରେ ବାହାର କରାଯାଇ ସିପିଆଇ(ଏମ)ର ଶକ୍ତିନଗର ସ୍ଥିତ ପାର୍ଟି କାର୍ଯ୍ୟାଳୟ ହୋଇ ସେକ୍ଟର-୧୬ ସ୍ଥିତ ସିଟୁ ଜିଲ୍ଲା କାର୍ଯ୍ୟାଳୟ 'ଶ୍ରମିକ ଭବନ'ରେ ରଖାଯାଇଥିଲା। ଏଠାରେ ବିଭିନ୍ନ ରାଜନୈତିକ ଦଳ, ଟ୍ରେଡ୍ ୟୁନିଅନ, ସାମାଜିକ ଏବଂ ସାଂସ୍କୃତିକ ସଂଗଠନ, ବିଧାୟକ ତଥା ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ଦ୍ୱାରା କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ସିଟୁ ନେତା ବିମାନ ମାଇତି, ବସନ୍ତ ନାୟକ, ଜାହାଙ୍ଗୀର ଅଲ୍ଲୀ, ରାଜକିଶୋର ପ୍ରଧାନ, ଜଜାତି କେଶରୀ ସାହୁଙ୍କ ସମେତ ଅନ୍ୟମାନେ ନିଜ ନେତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ଏହା ପରେ ଅନ୍ତିମ ଯାତ୍ରା ରାଉରକେଲା ନୂଆ ବସଷ୍ଟାଣ୍ଡ, ରାଉରକେଲା ଓକିଲ ସଂଘ କାର୍ଯ୍ୟାଳୟ, ପାନପୋଷ ଦେଇ ବେଦବ୍ୟାସରେ ପହଚିଂଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ନିଧନରେ ସାଂସଦ ଜୁଏଲ ଓରାମ, ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ରାୟ, ରାଉରକେଲା ବିଧାୟକ ଶାରଦା ନାୟକ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତାନ୍ତୀ,ଆରଏସପି ଡ଼ିଆଇସି ଆଲୋକ ବର୍ମା, ପୂର୍ବତନ ବିଧାୟକ ସୁବ୍ରତ ତରାଇ, ପ୍ରଭାତ ମହାପାତ୍ର, ହରିହର ରାଉତରାୟ, ଗିରୀଶ ମହାପାତ୍ର, ପି.ପି ରାୟ, ବିଜେପି ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ଆରଏସଏସ ସଭାପତି ପ୍ରଶାନ୍ତ ବେହେରା, ପ୍ରଶାନ୍ତ ସେଠୀ, କଂଗ୍ରେସର ବରିଷ୍ଠ ନେତା ରବି ରାୟ, ସୁନୀଲ ପଟ୍ଟନାୟକ, ଆରଆଇକେକେଏସ (ଜଓକକଝ) ର ସାଧାରଣ ସମ୍ପାଦକ ହିମାଂଶୁ ବଳ, ରାଉରକେଲା ମଜଦୁର ସଭାର ସଭାପତି ଶଶଧର ନାୟକ, ଷ୍ଟିଲ୍ ମଜଦୁର ୟୁନିଅନର ସାଧାରଣ ସମ୍ପାଦକ ରମେଶ ସେଠୀ, ରାଉରକେଲା ଖବରକାଗଜ ବିକ୍ରେତା ସଂଘର ସାଧାରଣ ସମ୍ପାଦକ ବିମାନ ମାଇତି, ଷ୍ଟେସନ ଖବରକାଗଜ ପଏଂଟର ସଭାପତି ମହିର ପାତ୍ର, ସମ୍ପାଦକ କିଶୋର ରାଉତ, ସେକ୍ଟର-୨ ଖବରକାଗଜ ପଏ[ର ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ସୁକେନ୍ଦୁ ପାତ୍ରଙ୍କ ସମେତ ଅନ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

ବିଶିଷ୍ଟ ଶ୍ରମିକ ନେତା ସାଥୀ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍ ପକ୍ଷରୁ ଶୋକ ସଭା

ରାଉକେଲା,୧୦/୫(ନି/ପ୍ର): ବିଶିଷ୍ଟ ଟ୍ରେଡ୍ ୟୁନିଅନ ନେତା, ସି.ଆଇ.ଟି.ୟୁର ରାଜ୍ୟ ସାଧାରଣ ସମ୍ପାଦକ ଓ ସର୍ବଭାରତୀୟ ଉପସଭାପତି, ସିପିଆଇ(ଏମ) ଓଡ଼ିଶା ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ ପକ୍ଷରୁ ସେକ୍ଟର -୫ କାର୍ଯ୍ୟାଳୟ ଠାରେ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀଙ୍କ ଆବାହକତ୍ୱରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ୟୁନିୟନର କାର୍ଯ୍ୟକାରୀ ସଭାପତି ପ୍ରଦୋଷ କୁମାର ମହାନ୍ତି,ଉପସଭାପତି କୈଳାଶ ଚନ୍ଦ୍ର ନାୟକ,ଉପଦେଷ୍ଟା ସଦାନନ୍ଦ ସାହୁ,ଉପଦେଷ୍ଟା ଅର୍ଜୁନ ଭୋଇ, କାର୍ଯ୍ୟକାରୀ ମଣ୍ଡଳୀ ସଭ୍ୟ ରାଧେନ୍ଦ୍ର କୁମାର ତିୱାରୀ, ସୁଧାଂଶୁ ସୁତାର,ବିଷ୍ଣୁ ପ୍ରସାଦ ଦାସ,ପ୍ରମୁଖ ବକ୍ତବ୍ୟ ରଖି ସ୍ୱର୍ଗତ ସାଥୀ ବିଷ୍ଣୁ ମହାନ୍ତିଙ୍କ ଶ୍ରମିକ ପ୍ରୀତି,ଶ୍ରମିକ ଆନ୍ଦୋଳନରେ ତାଙ୍କର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ ।ଓଡ଼ିଶାର ଶ୍ରମିକ ଆନ୍ଦୋଳନ, ବାମପନ୍ଥୀ ରାଜନୀତି ଓ ସାମ୍ୟବାଦୀ ଆନ୍ଦୋଳନର ଅପୂରଣୀୟ କ୍ଷତି ହୋଇଛି ଓ ଶ୍ରମଜୀବି ଜନସାଧାରଣଙ୍କ ସଂଗ୍ରାମ ପାଇଁ ଗଭୀର ଆଘାତ ଏବଂ ଅପୂରଣୀୟ କ୍ଷତି ଘଟିଲା ବୋଲି ବକ୍ତାମାନେ ଶୋକ ସଭାରେ କହିଥିଲେ ।

ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗୀର,୧୦/୫(ନି/ପ୍ର): ମାଲପଡ଼ା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ବିଜୁଳି ବିଭାଗ ଦ୍ୱାରା ଅଘୋଷିତ ଘନ ଘନ ବିଜୁଳି କାଟ ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ସରକାର ମଧ୍ୟ ଏହି ଗ୍ରୀଷ୍ମ ପ୍ରଭାବରେ ବିଜୁଳି କାଟ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ ମଧ୍ୟ ଏହାକୁ ବେଖାତିର କରି ତାଙ୍କର ଅଘୋଷିତ କାଟ ଜାରି ରଖିଛନ୍ତି ଏଥିପାଇଁ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ କରୁଛନ୍ତି ବୋଲି ମତପ୍ରକାଶ ପାଇଥିଲା। ଅନ୍ୟ ଏକ ସମସ୍ୟା ହେଲା ସହରରେ ଗୋରୁ ଗାଈ ଓ ବୁଲା କୁକୁର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଲୋକମାନଙ୍କର ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଅନେକ ସମୟରେ ସେମାନେ ଆକ୍ରମଣର ଶିକାର ମଧ୍ୟ ହେଉଛନ୍ତି ତେଣୁ ଏହା ଉପରେ ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଥିଲା କିନ୍ତୁ ଏହାର ସମାଧାନ ଏପର୍ଯ୍ୟନ୍ତ ହୋଇପାରି ନାହିଁ, ଏହା ଉପରେ ପୌରପାଳିକା ବିହିତ ପଦକ୍ଷେପ ନେବାକୁ ଅନୁରୋଧ। ଗ୍ରୀଷ୍ମ ପ୍ରବାହ ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଣରେ ଅନିୟମିତତା ଦେଖାଦେଇଛି ଫଳରେ ଲୋକେ ପାନୀୟ ଜଳ ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ଏହା ଉପରେ ଉପରେ ଜନସ୍ୱାସ୍ଥ୍ୟ ବିଭାଗ ବିହିତ ପଦକ୍ଷେପ ନେବାକୁ ଅନୁରୋଧ। ମାଲପଡ଼ାରେ ଏକ ନୂତନ ଭାବରେ ନିର୍ମିତ ହୋଇଥିବା ରାମସ୍ୱାମୀ ମନ୍ଦିର ପରିସରରେ ଏକ ହାଇମେକ୍ସ ଲାଇଟ ଲଗାଇବା ପାଇଁ ପୌରପାଳିକା ବିହିତ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା। ଏହି ସଭାରେ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, ସହ-ସଂପାଦକ ଅଶୋକ କୁମାର ଚାନ୍ଦ, କୋଷାଧ୍ୟକ୍ଷ ଦିବାକର ହୋତା, କାର୍ଯ୍ୟକାରୀ ସଭ୍ୟ ଆକୁଳ ବେହେରା, ଅମୀୟ କୁମାର ମିଶ୍ର, ଗଣେଷରାମ ବେହେରା, ଦେବଜିତ ଯୋଷୀ, ଛବିଲାଲ ବେହେରା, ସୁବାଷ ଚନ୍ଦ୍ର ପାତ୍ର ଆଦି ଆଲୋଚନାରେ ଭାଗ ନେଇଥିଲେ।

ଭଦ୍ରକ ନୂଆ ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଟ୍ରିକ୍ ପରୀକ୍ଷାରେ ଏ୧ ପ୍ରାପ୍ତ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ

ଭଦ୍ରକ, ୧୦/୫(ନି/ପ୍ର): ଚଳିତ ଶିକ୍ଷାବର୍ଷ ମାଟ୍ରିକ୍ ପରୀକ୍ଷାରେ ସାରା ଓଡ଼ିଶାରେ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏ୧ ପ୍ରାପ୍ତ ମୋଟ ୧୩ ଜଣ ଶିଶୁମାନେ ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି । ସେମାନେ ହେଲେ ଦିବ୍ୟଜ୍ୟୋତି ଦାସ ୫୬୩ (୯୩.୮୩%), ସତ୍ୟମ୍ ନାୟକ ୫୫୪ (୯୨.୩୩%), ଶୁଭମ୍ କୁମାର ପତି ୫୫୦ (୯୧.୬୬%), ଶୁଭଲକ୍ଷ୍ମୀ ମଲ୍ଲିକ ୫୪୮ (୯୧.୩୩%), ସ୍ୱୟମ୍ ସ୍ୱରୂପ ନାୟକ ୫୪୭ (୯୧.୧୬%), ସାଇପ୍ରିୟା ଜେନା ୫୪୬ (୯୧%), ପ୍ରିୟାଂଶୁ ପ୍ରିୟଦର୍ଶୀ ୫୪୫ (୯୦.୮୩%), ସୋନାକ୍ଷୀ ଶୁଭଦର୍ଶନୀ ୫୪୪ (୯୦.୬୬%), ରୁଦ୍ରାଂଶୁ ଶେଖର ଷଡ଼ଙ୍ଗୀ ୫୪୧ (୯୦.୧୬%), ସବ୍ୟସାଚୀ ରାଉଳ ୫୪୦ (୯୦%), ମୋନାଲିସା ଦାସ ୫୪୦ (୯୦%), ଶ୍ରଦ୍ଧାଞ୍ଜଳି ମିଶ୍ର ୫୪୦ (୯୦%), ମଧୁସ୍ମିତା ରାୟ ୫୪୦ (୯୦%) ସ୍ଥାନ ଅଧିକାର କରିଛନ୍ତି । ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ଅତିଥି ପରିଚୟ କରିଥିଲେ । ମୁଖ୍ୟ ବକ୍ତା ବିଦ୍ୟାଳୟ ର ସମ୍ପାଦକ ବିଭୁ ଚନ୍ଦନ ଜେନା ଶିଶୁମାନେ ଭବିଷ୍ୟତରେ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ସହାୟକ ହୁଅନ୍ତୁ ବୋଲି ମତ ରଖିଥିଲେ ।ଏହି ସଫଳତା ପାଇଁ ମୁଖ୍ୟ ଅତିଥି ସାଂସଦ ଅଭିମନ୍ୟୁ ସେଠୀ କୃତିତ୍ୱ ଲାଭ କରିଥିବା ସମସ୍ତ ଶିଶୁ ଓ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ ଓ ବିଦ୍ୟାଳୟର ସମସ୍ତ ପରିଚାଳନା ସମିତିର ସମସ୍ତ ସଦସ୍ୟ, ବିଭୁ ଚନ୍ଦନ ଜେନା (ସମ୍ପାଦକ), ବସନ୍ତ କୁମାର ମହାନ୍ତି (କୋଷାଧ୍ୟକ୍ଷ), ସର୍ବେଶ୍ୱର ମହାପାତ୍ର (ସଦସ୍ୟ), ରୀନାରାଣୀ ଯେନା, ମାୟାଧର ଲେଙ୍କା (ପ୍ରଧାନ ଆଚାର୍ଯ୍ୟ), ଓ ଗୁରୁଜୀ, ଗୁରୁମା, କୃତିତ୍ୱ ହାସଲ କରିଥିବା ସମସ୍ତ ଶିଶୁମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟା ପଦ୍ମାବତୀ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଜୟ ମା ପତ୍ର ସଉରୁଣୀଙ୍କ ନୂତନ ପୀଠ ପ୍ରତିଷ୍ଠା ମହୋତ୍ସବ

ଭଦ୍ରକ,୧୦/୫(ନି/ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ପଂଚାୟତର ବଳଭଦ୍ର ପୁରର ଓଲଟୁଙ୍ଗା ଠାରେ ମା' ପତ୍ର ସଉରୁଣୀ ନୂତନ ପୀଠ ପ୍ରତିଷ୍ଠା ମହୋତ୍ସବ ଧୂମଧାମରେ ପାଳିତ ହୋଇଯାଇଛି। ମା'ଙ୍କ ଅପାର କରୁଣା ଉତ୍ସବ ମୁଖରହ ପୂଜାମଣ୍ଡପ ପ୍ରାଙ୍ଗଣରେ ଧାର୍ମିକ ତଥା ଆଧାତ୍ମିକ କାର୍ଯ୍ୟକ୍ରମ ପ୍ରବଚନ, ଭଜନ ସଂଧ୍ୟା, ସତସଂଗ ଆଦି ଅନୁଷ୍ଠିତ ହେଉଛି । ଏଠାରେ ମହାପ୍ରଭୁଙ୍କର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ସହ ମା' ଠାକୁରାଣୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ମହାଯଜ୍ଞ ଆଦି ଧାର୍ମିକ କାର୍ଯ୍ୟ ଚାଲୁରହିଛି।

ଡକ୍ଟର ଅଶୋକ କୁମାର ପଣ୍ଡାଙ୍କର ସେଲ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ

ରାଉରକେଲା,୧୦/୫(ନି/ପ୍ର): ଡକ୍ଟର ଅଶୋକ କୁମାର ପଣ୍ଡା ଆଜି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ)ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କମ୍ପାନୀର ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟରତ ଥିଲେ ଏବଂ ଏହି ସମୟ ମଧ୍ୟରେ ପ୍ରାୟ ନଅ ମାସ ପାଇଁ ତାଙ୍କ ପାଖରେ ନିର୍ଦ୍ଦେଶକ (ବାଣିଜ୍ୟିକ)ର ଅତିରିକ୍ତ ଦାୟିତ୍ୱ ମଧ୍ୟ ରହିଥିଲା। ଡକ୍ଟର ପଣ୍ଡା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବି.ଇ. ସମାପ୍ତ କରିବା ପରେ, ୧୯୯୨ ମସିହାରେ ମ୍ୟାନେଜମେଂଟ ଟ୍ରେନି (ଟେକ୍ନିକାଲ୍) ଭାବରେ ସେଲ୍‌ରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ବିଗତ ତିନି ଦଶନ୍ଧିରୁ ଅଧିକ ସମୟର ନିଜର ବିଶିଷ୍ଟ ସେବା, ଅଟଳ ନିଷ୍ଠା ଏବଂ ଦୃଢ଼ ସଂକଳ୍ପ ବଳରେ ସେ କମ୍ପାନୀ ମଧ୍ୟରେ ନେତୃତ୍ୱର ସର୍ବୋଚ୍ଚ ସ୍ତରରେ ପହଚିଂଛନ୍ତି। ସେ ବିଭିନ୍ନ ପ୍ଲାଂଟ ଏବଂ ୟୁନିଟ୍‌ଗୁଡ଼ିକରେ ବିବିଧ ଦାୟିତ୍ୱ ନିର୍ବାହ କରିଛନ୍ତି, ଯାହାଦ୍ୱାରା ତାଙ୍କୁ ପ୍ରଚାଳନ, ଆର୍ଥିକ ଏବଂ ବାଣିଜ୍ୟିକ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ପ୍ରାପ୍ତ ହୋଇଛି। ନିର୍ଦ୍ଦେଶକ (ଅର୍ଥ) ଭାବରେ ନିଜର କାର୍ଯ୍ୟକାଳ ମଧ୍ୟରେ, ଡକ୍ଟର ପଣ୍ଡା ପ୍ରଚାଳନ ଦକ୍ଷତା ଏବଂ ସାମଗ୍ରିକ ଲାଭଜନକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅନେକ ରଣନୈତିକ ପଦକ୍ଷେପର ନେତୃତ୍ୱ ନେଇଥିଲେ। ତାଙ୍କର ପ୍ରଚେଷ୍ଟାରେ ବୈଷୟିକ ପଦକ୍ଷେପକୁ ପ୍ରୋତ୍ସାହନ ଦେବା, ଉତ୍ପାଦ ବାସ୍କେଟ୍‌ର ସମ୍ପ୍ରସାରଣ ମାଧ୍ୟମରେ ଉତ୍ପାଦନ ସ୍ତର ବୃଦ୍ଧି କରିବା ଏବଂ ପ୍ରଚାଳନ, ବିକ୍ରୟ ଏବଂ ବିପଣନ, ମାନବ ସମ୍ବଳ ତଥା ଅର୍ଥ ସମ୍ବନ୍ଧୀୟ ପ୍ରମୁଖ ନୀତିଗୁଡ଼ିକର ଉନ୍ନତିକରଣ ଅନ୍ତର୍ଭୁକ୍ତ ଥିଲା। ନିର୍ଦ୍ଦେଶକ (ବାଣିଜ୍ୟିକ) ଭୂମିକାରେ, ସେ ପ୍ରଚାଳନକୁ ବଜାର ଏବଂ ଆର୍ଥିକ ଲକ୍ଷ୍ୟ ସହିତ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ବିକ୍ରୟ ପରିମାଣ ବୃଦ୍ଧି କରିବା, ନେଟ୍ ସେଲ୍ସ ରିଅଲାଇଜେସନ୍‌ରେ ସୁଧାର ଆଣିବା, ଇନଭେଟୋଂରୀ ସ୍ତର ହ୍ରାସ କରିବା ଏବଂ ଉତ୍ପାଦର ବ୍ରାଣ୍ଡିଂକୁ ମଜବୁତ କରିବା ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଜଣେ ଜନ-ଉନ୍ମୁଖ ନେତା ଭାବରେ, ଡକ୍ଟର ପଣ୍ଡା ତାଙ୍କର ସମାବେଶୀ ନେତୃତ୍ୱ ଶୈଳୀ ଏବଂ ଦୃଢ଼ କାର୍ଯ୍ୟନିର୍ବାହ ଦକ୍ଷତା ପାଇଁ ବ୍ୟାପକ ଭାବେ ପରିଚିତ। ଟିମ୍ ଗଠନ କରିବା ଏବଂ ପ୍ରଦର୍ଶନକୁ ଗତିଶୀଳ କରିବା ତାଙ୍କ କ୍ୟାରିୟରର ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ସେଲ୍‌ର ସିଏମଡି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡକ୍ଟର ପଣ୍ଡା କମ୍ପାନୀର ତୁରନ୍ତ ପ୍ରାଥମିକତାଗୁଡ଼ିକୁ ରେଖାଙ୍କିତ କରି କହିଛନ୍ତି ସେଲ୍ ଏହାର କ୍ଷମତାକୁ ବାର୍ଷିକ ୩୫ ମିଲିୟନ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସମ୍ପ୍ରସାରଣର ପରବର୍ତ୍ତୀ ପର୍ଯ୍ୟାୟ ଆଡ଼କୁ ଅଗ୍ରସର ହେଉଛି। ସମ୍ପ୍ରସାରଣ ସହିତ ଆମର ସର୍ବୋଚ୍ଚ ପ୍ରାଥମିକତା ସମସ୍ତ କାର୍ଯ୍ୟସ୍ଥଳରେ ସୁରକ୍ଷା ନିଶ୍ଚିତ କରିବା ରହିବ। ନିଜର ବିକାଶ ଆକାଂକ୍ଷାକୁ ପୂରଣ କରିବା ପାଇଁ ଘରୋଇ ଖଣି ଖନନକୁ ପ୍ରୋତ୍ସାହନ ଦେବା ଏବଂ ବିଦେଶୀ ସମ୍ପତ୍ତିର ଅନୁସନ୍ଧାନ ଜରିଆରେ କଚାଂମାଲ ସୁରକ୍ଷାକୁ ମଜବୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଏଥିସହିତ, ଆମେ ଭାଲ୍ୟୁ ଆଡେଡ୍ ଉତ୍ପାଦଗୁଡ଼ିକ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରି ନିଜର ବଜାର ପହଂଚ ବଢ଼ାଇବା, ନିଜର ବ୍ରାଣ୍ଡ୍ ସଂଯୋଗକୁ ସୁଦୃଢ଼ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ନିରନ୍ତର ମୂଲ୍ୟ ସୃଷ୍ଟି ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ।